KOSHALA PRABAHA

# କୋଶଳ ପ୍ରବାହ

www.koshalaprabaha.com

Postal Regd.No.
BGR-02/2018-20
ବର୍ଷ - ୨୧ ■ ସଂଖ୍ୟା - ୦୨
Volum.-21 ■ Issue No.- 02
Sunday ■ Balangir
ରବିବାର ■ ବଲାଙ୍ଗିର

R.N.I.No.: ODIODI/2000/03637 ● ୧୫ ନଭେମ୍ବର - ୨୧ ନଭେମ୍ବର ୨୦୨୦ ● 15 Nov. - 21 Nov. 2020 ● Odia Weekly ● 8 Pages, Rs.2/- only

## ବଲାଙ୍ଗିର ଜିଲ୍ଲାରେ ବେଆଇନ ଦାଦନ ଶ୍ରମିକ ଚାଲାଣ ସମସ୍ୟା : ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ପାଇଁ ବିରାଟ ଚ୍ୟାଲେଂଜ



ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲାରେ ବେଆଇନ ଦାଦନ ଶ୍ରମିକ ଚାଲାଣ ସମସ୍ୟା ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ପାଇଁ ଏକ ବିରାଟ ଚ୍ୟାଲେଂଜ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ପ୍ରତି ବର୍ଷ ବଲାଙ୍ଗିର ଜିଲ୍ଲାରୁ ଲକ୍ଷାଧିକ ଶ୍ରମିକ ପେଟ ପୋଷିବା ପାଇଁ ପଡ଼ୋଶୀ ଜିଲ୍ଲାକୁ ଦାଦନ ଶ୍ରମିକ ଭାବେ ଦାଦନ ସର୍ଦ୍ଦାରମାନଙ୍କ ଦ୍ୱାରା ଚାଲାଣ ହେଉଥିବା କଥା ସମସ୍ତେ ଜାଣନ୍ତି । ତେବେ ଚଳିତ ବର୍ଷ ଏହା ଏକ ବିରାଟ ସମସ୍ୟା ହୋଇ ଠିଆ ହୋଇଛି । ଅନ୍ୟ ବର୍ଷ ମାନଙ୍କରେ ଦାଦନ ସର୍ଦ୍ଦାରମାନେ ପଞ୍ଜିକରଣ କରି ଶ୍ରମିକ ଚାଲାଣ କରିଥାନ୍ତି ଟ୍ରେନ୍ ଯୋଗେ । କାଁ ଭାଁ ବସ୍ କିମ୍ବା ଅନ୍ୟ ଚାରିଚକିଆ ଯାନବାହାନରେ ପଠାନ୍ତି । କିନ୍ତୁ ଏ ବର୍ଷ କରୋନା ସଂକ୍ରମଣ ସ୍ଥିତି ଯୋଗୁଁ ବର୍ତ୍ତମାନ ସୁଦ୍ଧା ଟ୍ରେନ୍ ଚଳାଚଳରେ ନିୟମିତତା ଆସି ପାରି ନଥିବା ବେଳେ ବିନା ପଞ୍ଜିକରଣରେ ସର୍ଦ୍ଦାରମାନେ ବସ୍ କିମ୍ବା ଅନ୍ୟ ଚାରିଚକିଆ ଯାନବାହାନରେ ରୀତିମତ ଶ୍ରମିକ ଚାଲାଣ କରୁଥିବା ଖବର ଆସିବାରେ ଲାଗିଛି । ଏଠାରେ କଥା ଉଠୁଛି, ଅନ୍ୟ ବର୍ଷ ମାନଙ୍କରେ ପଞ୍ଜିକରଣରେ କିଛି ଶ୍ରମିକଙ୍କୁ ସର୍ଦ୍ଦାରମାନେ ପଠାଉଥିବା ବେଳେ ଅଧିକାଂଶ ଶ୍ରମିକଙ୍କୁ ଲୁଚାଛପାରେ ବି ପଠାଇଥାନ୍ତି, ଯେଉଁଥି ପାଇଁ ବାହାର ରାଜ୍ୟକୁ ଯାଉଥିବା ଶ୍ରମିକମାନଙ୍କ ସଂପର୍କରେ ସଂପୂର୍ଣ୍ଣ ରିପୋର୍ଟ ପ୍ରଶାସନ ପାଇଁ ଅପହଂଚ ହୋଇ ପଡ଼ିଥାଏ । କିନ୍ତୁ ଚଳିତ ବର୍ଷର ସ୍ଥିତି ଅଲଗା ହୋଇଛି । ଏହି ସ୍ଥିତିର ଫାଇଦା ନେଇ ସର୍ଦ୍ଦାରମାନେ ବେଆଇନ ଦାଦନ ଶ୍ରମିକ ଚାଲାଣ ଆରମ୍ଭ କରି ଦେଇଥିବା ଜଣାପଡ଼ିଛି । ଏ କ୍ଷେତ୍ରରେ ଜିଲ୍ଲା ପ୍ରଶାସନ କିଭଳି ଏହି ସମସ୍ୟାକୁ ରୋକି ପାରିବ, ତାହା ଏବେ ବିରାଟ ଚ୍ୟାଲେଂଜ ହୋଇ ଠିଆ ହୋଇଛି । ଜିଲ୍ଲା ପ୍ରଶାସନର ପଦକ୍ଷେପ ଉପରେ ବୁଦ୍ଧିଜୀବୀଙ୍କ ନଜର୍ ରହିଛି ଏବେ । ଦେଖାଯାଉ, ଜିଲ୍ଲା ପ୍ରଶାସନ ପକ୍ଷରୁ କିଭଳି ପଦକ୍ଷେପ ଗ୍ରହଣ କରାଯାଉଛି ଏ ଦିଗରେ ।

## ଭାରତରେ ମୂଲ୍ୟହୀନ ପ୍ରମାଣିତ ହୋଇପାରେ କରୋନା ଟୀକା : ବିଶେଷଜ୍ଞମାନେ ଦେଲେ ଚେତାବନୀ



ନୂଆଦିଲ୍ଲୀ : କରୋନା ଜୀବାଣୁ ଟୀକା ବିତରଣର ବ୍ଲୁପ୍ରିଣ୍ଟ ସ୍ଥିର କରାଯାଇ ସାରିଛି । ଶୀତଳ ଶୃଙ୍ଖଳା ଭିତ୍ତିଭୂମି ଏବଂ ଟୀକା ନେଟ୍ୱାର୍କକୁ ଶୃଙ୍ଖଳିତ କରିବାରେ ସରକାର ବ୍ୟସ୍ତ ଅଛନ୍ତି । ଏହି ସମୟରେ, ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତି ଯେ, ଅନେକ କରୋନା ଟୀକା ଅତ୍ୟଧିକ ନିମ୍ନ ତାପମାତ୍ରାରେ ସଂରକ୍ଷଣ ହେବା ଆବଶ୍ୟକ କରିବ । କେତେକଙ୍କ ପାଇଁ ମାଇନସ୍ ୭୦ ଡିଗ୍ରୀ ସେଲସିୟସ୍‌ର ତାପମାତ୍ରା ଆବଶ୍ୟକ । ଏଭଳି ପରିସ୍ଥିତିରେ ଟୀକା ପାଇଁ କେତେ ଶୀତଳ ଶୃଙ୍ଖଳା ସୁବିଧା ପ୍ରସ୍ତୁତ ହେବ, ସେଥିପାଇଁ ବିଶେଷଜ୍ଞମାନେ ଚିନ୍ତିତ ଅଛନ୍ତି । ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର)ର ପୂର୍ବତନ ମହାନିର୍ଦ୍ଦେଶକ ଡକ୍ଟର ଏନ.କେ.ଗାଙ୍ଗୁଲିଙ୍କ ଅନୁଯାୟୀ, କୋଭିଡ-୧୯ ପାଇଁ ପ୍ରସ୍ତୁତ ହେଉଥିବା ଟୀକା ସୁପର-କୋଲ୍ଡ ଷ୍ଟୋରେଜ୍ ଆବଶ୍ୟକ କରେ ଏବଂ ଏହି କାରଣରୁ ଟୀକା ଷ୍ଟୋର୍ ଏବଂ ଭାରତର ଆଧୁନିକ ସହରରେ ମଧ୍ୟ ପରିବହନରେ ଅସୁବିଧା ହୋଇପାରେ । ସେମିତି ବି ଭାରତରେ ତାପମାତ୍ରା ଅଧିକ ଏବଂ ବିଜୁଳି ବିଭ୍ରାଟ ସମସ୍ୟା ଗ୍ରାମାଂଚଳରେ ବିଶେଷ ଭାବରେ ଦେଖିବାକୁ ମିଳିଥାଏ ।

ଏହାର ଟୀକାରେ ୯୦% ପ୍ରଭାବଶାଳୀ ବୋଲି ଦାବୀ କରିଥିବା ଫାଇଜର୍‌ର ଘୋଷଣା ପରେ ଏଥିପାଇଁ ଚିନ୍ତା ବୃଦ୍ଧି ପାଇଛି ଯେ, ଏହି ଟୀକା ସଂରକ୍ଷଣ ପାଇଁ ମାଇନସ୍ ୭୦ ତାପମାତ୍ରାର ଆବଶ୍ୟକତା ରହିଛି । ମୋଡର୍ନା ଟୀକା ମଧ୍ୟ ମାଇନସ୍ ୨୦ ଡିଗ୍ରୀ କିମ୍ବା ତା'ଠାରୁ କମ୍ ତାପମାତ୍ରାରେ ଗଚ୍ଛିତ ହେବା ଆବଶ୍ୟକ । ବିଶେଷଜ୍ଞମାନେ କହିଛନ୍ତି ଯେ, ବିକାଶଶୀଳ ଦେଶମାନଙ୍କ ପାଇଁ ଏହିପରି ଟୀକା ଅନୁକୂଳ ପ୍ରମାଣିତ ହେବନାହିଁ । ଗାଙ୍ଗୁଲି କହିଛନ୍ତି ଯେ ଏହି ଟୀକାଗୁଡ଼ିକ ଭାରତ ପାଇଁ 'ଲଜିଷ୍ଟିକାଲ ନାଇଟ୍‌ମେୟର୍' ପ୍ରମାଣିତ ହୋଇପାରେ । ଭାରତରେ ଉତ୍ତାପ ତରଙ୍ଗ ଯୋଗୁଁ ବିଦ୍ୟୁତ୍ ଅତ୍ୟଧିକ କଟିଯାଏ ଏବଂ ଗ୍ରାମାଂଚଳଗୁଡିକରେ ଏହି ସମସ୍ୟା ବହୁତ ଅଧିକ ଅନୁଭୂତ ହୁଏ ।

### ବିଶେଷ ସୂଚନା

ଆକସ୍ମିକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗତ ୮ ତାରିଖର 'କୋଶଳ ପ୍ରବାହ' ସଂଖ୍ୟା ପ୍ରକାଶ ପାଇନାହିଁ । ଏଥିପାଇଁ ଆମେ ଦୁଃଖୀତ । ଆମର ଅଗଣିତ ପାଠକ ପାଠିକା, ବିଜ୍ଞାପନଦାତା ତଥା ଶୁଭେଚ୍ଛୁମାନେ ଆକସ୍ମିକ ଯାନ୍ତ୍ରିକ ତ୍ରୁଟିକୁ ଅନୁଭବ କରିପାରିବେ ବୋଲି ଆମର ଦୃଢ଼ ବିଶ୍ୱାସ । -ସଂପାଦକ-




ଆନନ୍ଦ ଓ ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

ବୈଶ୍ୱିକ ମହାମାରୀ କରୋନା ବିରୋଧରେ ସମଗ୍ର ମାନବଜାତିର ଲଢ଼େଇରେ ଓଡ଼ିଶାର ପ୍ରଦର୍ଶନ ବେଶ ଉତ୍ସାହଜନକ ଓ ପ୍ରେରଣାଦାୟୀ । ଏହି ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ ଆଶା କରୁଛି ।


(ଗଣେଶୀ ଲାଲ)




ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା । ବିକାଶର ଆଲୋକରେ ସମସ୍ତଙ୍କ ଜୀବନକୁ ଉଦ୍‌ଭାସିତ କରିବା ପାଇଁ ଆସନ୍ତୁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ।

ଟୀକା ବାହାରିବା ପର୍ଯ୍ୟନ୍ତ ଆମେ କୋଭିଡ଼ ନିୟମାବଳୀର ପାଳନ ଯଥା- ଠିକ୍ ଭାବରେ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷା କରିବା ଅତ୍ୟନ୍ତ ଜରୁରୀ । ଆତସବାଜି ନ ଫୁଟାଇ କେବଳ ଦୀପ ଜଳାଇ ଚଳିତ ବର୍ଷ ଦୀପାବଳୀ ପାଳନ କରିବା ପାଇଁ ସମସ୍ତଙ୍କୁ ମୋର ଅନୁରୋଧ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା




ପବିତ୍ର ଦୀପାବଳିର ଶୁଭ ଅବସରରେ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଦୀପାବଳି ପାଳନ ଯୋଗୁଁ ସୃଷ୍ଟି ହେଉଥିବା ପରିବେଶ ପ୍ରଦୂଷଣ, କରୋନା ସଂକ୍ରମିତଙ୍କ ପାଇଁ କ୍ଷତିକାରକ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରୁଥିବାରୁ ସରକାରଙ୍କ ତରଫରୁ ଚଳିତ ବର୍ଷ ଦୀପାବଳିକୁ କୋଭିଡ୍ କଟକଣା ଅନୁପାଳନ ପୂର୍ବକ ପାଳନ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କରୋନା ସଂକ୍ରମଣ ବିରୁଦ୍ଧରେ ଜାରି ରହିଥିବା ଏହି ଲଢ଼େଇରେ ସମସ୍ତେ ସାମିଲ ହୋଇ ଆଲୋକର ପର୍ବ ଦୀପାବଳି ପାଳନ କରିବାକୁ ମୁଁ ଅନୁରୋଧ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-61 OIPR-15001/13/0102/2021

## ସଂପାଦକୀୟ

# ମହାପର୍ବ ଦୀପାବଳି

ଆଲୋକର ମହାପର୍ବ ଦୀପାବଳି । ସାରା ଦେଶ ଏହି ପର୍ବକୁ ନେଇ ଉତ୍ସବମୁଖର ହୋଇଉଠେ । କେତେକ ରାଜ୍ୟରେ ଦୀପାବଳି ହେଉଛି ସେମାନଙ୍କ ମହାନ୍ ପର୍ବ । ରଙ୍ଗ ବେରଙ୍ଗର ଆଲୋକ ସଜ୍ଜା ଏହି ଉତ୍ସବକୁ କରେ ଅତ୍ୟନ୍ତ ଜୀବନ୍ତ । ଏହି ପର୍ବ ପାଳନ ପଛରେ ଅନେକ ପୌରାଣିକ କଥାବାସ୍ତୁ ମଧ୍ୟ ରହିଛି; ଏଥିରେ ଦ୍ୱିମତ ହେବାର ନାହିଁ । କିନ୍ତୁ ଏହି ପର୍ବ ପାଳନ ଅବସରରେ ସାଂପ୍ରତିକ ସମୟରେ ବାଣ ଫୁଟେଇବା ଦିଗ ପ୍ରତି ଆମେ ଯତ୍ନବାନ୍ ହେବା ଅତ୍ୟନ୍ତ ଆବଶ୍ୟକ ।

ଚଳିତ ବର୍ଷ କରୋନା ମହାମାରୀ ଯୋଗୁଁ ସବୁ ପର୍ବପର୍ବାଣୀ ଫିକା ହୋଇ ପଡ଼ିଥିବା ବେଳେ ଦୀପାବଳିରେ ମଧ୍ୟ ସରକାରଙ୍କ ପକ୍ଷରୁ ବାଣ ଫୁଟେଇବା ଦିଗରେ ସଂପୂର୍ଣ୍ଣ ନିଷିଦ୍ଧ ଆଇନ ପ୍ରଣୟନ କରିଛନ୍ତି, ଯାହା ନିହାତି ପକ୍ଷେ ଗ୍ରହଣୀୟ । କରୋନା ମହାମାରୀ ଯୋଗୁଁ ଜୀବନ ଜୀବିକା ଅସ୍ତବ୍ୟସ୍ତ ହୋଇ ପଡ଼ିଛି ସାରା ଜଗତରେ । ଏ କ୍ଷେତ୍ରରେ ବାଣ ଫିଟେଇବା ଭଳି ପଦକ୍ଷେପ ନେବା ଦ୍ୱାରା ବାୟୁମଣ୍ଡଳ ଦୂଷିତ ହେବା ସଂଗେ ସଂଗେ ଫୁସ୍‌ଫୁସ୍ ସଂକ୍ରମଣର ଆଶଂକା ପ୍ରବଳ ମାତ୍ରାରେ ବଢ଼ିପାରେ । ଏହି ଦିଗକୁ ଲକ୍ଷ୍ୟ ରଖି ସରକାରଙ୍କ ପକ୍ଷରୁ ବାଣ ବିକ୍ରି କରିବା କିମ୍ବା ଫୁଟାଇବା ଉପରେ ଜବରଦସ୍ତ ଆଇନ ପ୍ରଣୟନ କରାଯାଇ ଯାଇଛି । ଦୀପାବଳି ପର୍ବ ପାଳନ ଦୀପ ଜଳାଇବାର ପର୍ବ । ଅନ୍ଧାରକୁ ହଟାଇବା ପାଇଁ ଆଲୋକିତ କରିବାର ପର୍ବ । ଅଜ୍ଞାନକୁ ଦୂର କରି ଜ୍ଞାନ ଆଡ଼କୁ ପାଦ ବଢ଼େଇବାର ପର୍ବ । ଏଦିଗ ପ୍ରତି ସମସ୍ତ ଭାରତୀୟ ନିଶ୍ଚୟ ସଚେତନ ହେବାର ଆବଶ୍ୟକତା ରହିଛି । ସମସ୍ତ ଯତ୍ନବାନ ହେବା ଉଚିତ ନିହାତି ।

ସେମିତି ହିଁ ଆମର ବାୟୁମଣ୍ଡଳ ବର୍ତ୍ତମାନ ପ୍ରଦୂଷିତ ହେବାରେ ଲାଗିଛି । ପ୍ରତ୍ୟହ ଯାନବାହାନ ସଂଖ୍ୟା ବଢ଼ିବାରେ ଲାଗିଛି, କଳ କାରଖାନା ବଢ଼ି ଚାଲିଛି... ଏଥିରେ ଆମ ବାୟୁମଣ୍ଡଳ ଆହୁରି ଆହୁରି ଦୂଷିତ ହୋଇ ଚାଲିଛି । ଅତ୍ୟଧିକ ବାୟୁ ପ୍ରଦୂଷଣ କାରଣରୁ ନାନା ପ୍ରକାର ରୋଗବ୍ୟାଧିର ଶିକାର ହେଉଛି ମଣିଷ । ମାନବ ଜୀବନ ଆଜି ଦୂଷିତ ବାୟୁ ହେତୁ ସଂକଟାପନ୍ନ ଅବସ୍ଥାରେ ପହଂଚିଛି । ଏଭଳି ପରିସ୍ଥିତିରେ ଆମେ ଦୀପାବଳି ପର୍ବ ପାଳନ କରିବା ବାହାନାରେ ଯଦି ବାଣ ଫୁଟେଇବା ଏବଂ ଏହା ଦ୍ୱାରା ଆମର ଜୀବନ ସମ୍ଭାଳୁଥିବା ବାୟୁମଣ୍ଡଳକୁ ଆହୁରି ଦୂଷିତ କରିବା ପାଇଁ ଆଗଭର ହେବା, ତେବେ ଏହା କେତେଦୂର ଗ୍ରହଣୀୟ ତାହା ଚିନ୍ତା କରିବା ନିତାନ୍ତ ପ୍ରୟୋଜନ ।

ଅନେକ ସ୍ଥାନରେ ଦେଖିବାକୁ ମିଳେ, ବହୁତ ଜୋର୍‌ରେ ଫୁଟୁଥିବା କିମ୍ବା ଛାତି ଥରେଇ ଦେବା ଭଳି ବାଣ ବିସ୍ଫୋରଣ ପାଇଁ ପ୍ରତିଯୋଗିତା ଭିତ୍ତିରେ ବାଣ ଫୁଟା ଚାଲିଥାଏ । ଏହାଦ୍ୱାରା ଆମେ ଆମ ବାୟୁମଣ୍ଡଳ ପ୍ରତି କେତେ ଅବିଚାର କରୁଛୁ, ତାହା ଚିନ୍ତା କରିବା ଏକାନ୍ତ ଅପରିହାର୍ଯ୍ୟ ।

ଅନ୍ୟ ପକ୍ଷରେ ହିନ୍ଦୁ ଶାସ୍ତ୍ର ଅନୁସାରେ ଗଣେଶ ହେଉଛନ୍ତି ବିଘ୍ନନାଶନ, ଅଗ୍ରପୂଜ୍ୟ ଦେବତା । ପୁଣି ଲକ୍ଷ୍ମୀ ହେଉଛନ୍ତି ସକଳ ସଂପଦର ଅଧିକାରିଣୀ, ସମୃଦ୍ଧିର ଠାକୁରାଣୀ । ସେମାନଙ୍କ ନାଁରେ ନିର୍ମିତ ହେଉଥିବା ବାଣ (ଗଣେଶ ବମ୍, ଲକ୍ଷ୍ମୀ ବମ୍) ଆମେ ମହା ଆନନ୍ଦରେ ଦୀପାବଳି ଦିନ ବିସ୍ଫୋରଣ କରିବା କେତେଦୂର ଯୁକ୍ତିଯୁକ୍ତ ତଥା ଧର୍ମସଂଗତ, ତାହା ନିଶ୍ଚୟ ଆଲୋଚନାର ବିଷୟ ।

ଉପରୋକ୍ତ ସମସ୍ତ ବିଷୟ ପ୍ରତି ଧ୍ୟାନ ଦେଇ ଆମେ ଦୀପାବଳି ପାଳନ ପାଇଁ ନିଜକୁ ସଚେତନ କରିବା ଏକାନ୍ତ ଆବଶ୍ୟକ । ସର୍ବତ୍ର ଦୀପ ପ୍ରଜ୍ୱଳିତ ହେଉ, ଆହୁରି ଆଲୋକିତ ହେଉ ଆଲୋକର ମହାପର୍ବ ଦୀପାବଳି... ଏହି କାମନା ଆମ ଭିତରେ ବଳବତ୍ତର ରହୁ । ଏଥି ସହିତ ବାୟୁମଣ୍ଡଳର ସୁରକ୍ଷା ପ୍ରତି ଆମେ ବିଶେଷ ସଚେତନ ହେବା ମଧ୍ୟ ନିହାତି ଜରୁରୀ । ଆଜିର ଆହ୍ୱାନ ଆଗାମୀ ଦିଗ ପାଇଁ ଆମକୁ ଏକ ସୁସ୍ଥ ସମାଜ ପ୍ରଦାନ କରିବ, ଏହା ଆମେ ଚିନ୍ତା କରିବା ଉଚିତ ।

# କାମ୍ ଚଲିଗଲେ ହେଲା..

- କାମ୍ ଚଲିଗଲେ ହେଲା । କେତେ ଲହର୍ ଝପର୍, ଧାଁ ଧପଡ଼୍! ରୀତି ରିବାଜ୍ ଟେ ମାନ୍‌ବାର୍ କେ ପଡୁଛେ ବଲି ଏତ୍‌କି କଥା । ନେଇଁ ହେଲେ କିଏ ପଚ୍‌ରଉଛେ ।

ମନ୍ କେ ମନ୍ କୁର୍‌ବୁରେଇ ହଉଥ'ନ୍ ପଣ୍ଡା ବାବୁ । ଗାଁ ଥି କକାର୍ ପୁଓର୍ ପୁଓ ଟେ ମରି ଯାଇଛେ । ହେନ୍‌ତା ଦେଖିବାର୍ କେ ଗଲେ ବଡୁ ପୁଓ ହେବା । ଯା' ଆସ୍ ନେଇଁ ହେବାର୍‌ନ' ବଲି ଲେତାଗୁତା ଦୂରିଆ ହେଇ ଯାଇଥିଲେ ବି ହିସାବ୍ କିତାବ୍ ଥି ଘରର୍ ମେତାନ୍‌ଟା । ମିର୍‌କିଟିଆ ହେଇଛନ୍ ଯେତେବେଲେ ରୀତି ନୀତି ଅନ୍‌ସାରେ ତ' ଶୁଦ୍ଧି ହେବେ । ହେତିର୍ ଲାଗି ଦିନା ଦୁଏ ହେଲା ପଣ୍ଡା ବାବୁ ଟିକେ ଢେକ୍ ପହର୍ ହଉଛନ୍ । ତାକର୍ ଘର୍ ପାଖର୍ ଲଉଣ୍ଡ୍ରି ବାଲା କେ କପଡ଼ା ଲତା ଟିକେ ସାଫ୍ ସୁତର୍ କରିଦେବାର୍ କେ କହେଲେ ଯେ, ଲଉଣ୍ଡ୍ରି ବାଲା ସିଧା ସିଧା କହିଦେଲା – 'ମିର୍‌କିଟିଆ କାମ୍ ବଏଲେ ଖଁଡ଼େ କପଡ଼ା ଧୁଇଲେ ବି ତିନ୍ ହଜାର୍ ନୁଁ କମ୍ ନେଇଁ ହୁଏ ।' ପଣ୍ଡା ବାବୁ ହଡ୍‌ବଡ଼େଇ ଗଲେ ଆର୍ ତୁମ୍ ପଡ଼ିକରି ସେନୁଁ ଫିରି ଆଏଲେ । ବଢ଼ିଆଁ ଭାବ୍‌ନା ଟେ ତାକର୍ ମୁଡ଼୍ କେ ଜୁଟ୍‌ଲା । ସେ ଲଉଣ୍ଡ୍ରି ଦୁକାନ୍ ପାଖର୍ ପାନ୍ ଦୁକାନେ ଗଲେ ଆର୍ ପାନ୍ ଖାଏବାର୍ ସାଙ୍ଗେ ସାଙ୍ଗେ ପାଏନ୍ ବୁତ୍‌ଲେ ବି ଘିନ୍‌ଲେ । ହେ ସମିଆଁ ଥି ଲଉଣ୍ଡ୍ରି ଦୁକାନେ କାମ୍ କର୍‌ସି ଯେନ୍ ପିଲା, ସେ ପାନ୍ ଦୁକାନ୍ କେ ଆସ୍‌ଲା ପୁଡ଼ିଆ ଖାଏବାର୍ କେ । ପଣ୍ଡା ବାବୁ ସେ ପିଲା କେ ବଏଲେ – 'ଏ ବାବୁ ଇ' ପାଏନ୍ ବୁତଲ୍ ଟିକେ ଧର୍‌ତ'! ସେ ବୁପ୍‌ରା ଧରି ଦେଲା ପାଏନ୍ ବୁତଲ୍ । ପଣ୍ଡା ବାବୁ ଦଶ୍ ଟଙ୍କି ଗୁଟେ ମୁନା ନୁଁ ବାହାର୍ କଲେ ଆର୍ ସେ ବାବୁ କେ ଧରେଇ ଦେଲେ ଆର୍ ପାଏନ୍ ବୁତଲ୍ କେ ନେଇ କରି ଗାଡ଼ି ଡିକି ଥି ଭରି ଦେଲେ । ସେ ପିଲା କିଛି ବୁଝି ନେଇଁ ପାର୍‌ଲା । କାଏଁ ହେଲା ଯେ ଦଶ୍ ଟଙ୍କା ଦେଲେ ବଲି ପଚ୍‌ରାଲା । ପଣ୍ଡା ବାବୁ ହଁସିଦେଲେ ଆର୍ ବଏଲେ – 'ତୁଇ ପାଏନ୍ କେ ଛିଁ ଦେଲୁ ବଏଲେ ତ' ହେଇଗଲା ବୋ । ହେ ପାଏନ୍ କେ ଟିକେ ମେଶେଇ କରି ଆମେ କପଡ଼ା ଲତା ସଫା କରିଦେମୁ ଆର୍ ଶୁଦ୍ଧି ହେଇଯିମୁ ।' ସେ ପିଲା ବି ହଁସି ଦେଲା ଆର୍ ପୁଡ଼ିଆ ଖାଇ କରି ପାନ୍ ଦୁକାନୁଁ ପଲାଲା ।

ପାନ୍‌ବାଲା ପଣ୍ଡା ବାବୁଙ୍କର ସବୁ ଭାବ୍ ରଙ୍ଗ ଦେଖିକରି ଆର୍ ସମ୍ଭାଳି ନେଇଁ ପାର୍‌ଲା । ବଏଲା – 'ମାନ୍‌ବାର୍‌କେ ପଡ଼୍‌ବା ଆଜ୍ଞା ଆପଣ୍ଙ୍କର ବୁଦ୍ଧି କେ ।'

ପଣ୍ଡା ବାବୁ ବଏଲେ – ହଏ ହୋ ଭାଇ ! କପଡ଼ା ଖଁଡ଼େ ହେଲେ ବି ମିର୍‌କିଟିଆ କାମ୍ ବଏଲେ ତିନ୍ ହଜାର୍ ନୁଁ କମ୍ ନେଇଁ ହୁଏ ବଏଲା ଲଉଣ୍ଡ୍ରି ଦୁକାନ୍ ବାଲା । ହେତିର୍ ଲାଗି ମୁଇଁ ଇ' ପ୍ଲାନ୍ କଲିଁ । ଇ' ପିଲା ହଉଛେ ଲଉଣ୍ଡ୍ରି ଦୁକାନ୍ ବାଲାର୍ ବବାର୍ ପୁଓ । ସେ ବି ତ' ପାଏନ୍ ଟିକେ ଛିଁ ଦେଲେ ହେଇଗଲା । କାମ୍ ଚଲିଗଲେ ହେଲା । ଆମେ କପଡ଼ା ଲତା ସଫା କଲା ବେଲ୍‌କେ ଇ ପାଏନ୍ କେ ମେଶେଇ ଦେମୁ । ରୀତି ରିବାଜ୍ ମାନ୍‌ବାର୍‌ଟା ବି ହେଇଗଲା... ଆର୍ ସେ ବୁପ୍‌ରା ହେନ୍‌ତି ହେନ୍‌ତି ଟଁକା ଦଶ୍‌ଟା ବି ପାଇଗଲା । ମିର୍‌କିଟିଆ ନାଁ ପଡ୍‌ଲେ ତିନ୍ ହଜାର୍ ତ' ଦେଇ ନେଇଁ ହୁଏ । ହେତିର୍ ଲାଗି ଏନ୍‌ତା ଉପେ ଟେ କଲିଁ । ମୋର୍ ବୁଧି ଠିକ୍ ଅଛେ କି ନେଇଁ ତୁମେ କହ ?

ପାନ୍‌ବାଲା ଖିଲ୍‌ଖିଲାତେଲ୍ ହଁସଲା ଆର୍ ବଏଲା – ସତେ ଆଜ୍ଞା, ମାନ୍‌ବାର୍ କେ ପଡ଼୍‌ବା ଆପଣ୍ଙ୍କର ବୁଧି କେ । ଦେଖୁନ୍ ତ' ତିନ୍ ହଜାର୍ ଟଁକା ହେନ୍‌ତି ହେନ୍‌ତି ଗନ୍‌ବାର୍ କେ ପଡ଼ିଥିତା ନେଇଁହେଲେ । **କାବା ହେଇଯିବ ହୋ'... ! (କେପିଏନ୍‌ଏସ୍)**

# କୋଭିଡ -୧୯ ମାମଲା ବିପଜ୍ଜନକ : ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ତୁରନ୍ତ ପଦକ୍ଷେପ ନିଅନ୍ତୁ : ଜୋ ବାଇଡେନ



ୱାଶିଂଟନ୍ : ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ଜୋ ବାଇଡେନ ଦେଶରେ କରୋନା ଭାଇରସ୍‌ର ଦ୍ରୁତ ବୃଦ୍ଧିକୁ ବିପଜ୍ଜନକ ବୋଲି କହିଛନ୍ତି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଚାଲିଥିବା ବର୍ତ୍ତମାନର ପ୍ରଶାସନ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଇଡେନ ଦାବୀ କରିଛନ୍ତି । ଜୋ ବାଇଡେନଙ୍କୁ ଶୁକ୍ରବାର ଦିନ କରୋନା ଭୂତାଣୁ ବିସ୍ତାର ବିଷୟରେ ଡକ୍ଟର ବିବେକ ମର୍ତ୍ତି, ଡ. ଡେଭିଡ କେସଲର ଏବଂ କୋଭିଡ -୧୯ ପରାମର୍ଶଦାତା ବୋର୍ଡର ସହ ଚେୟାରମ୍ୟାନ୍ ଡ ମାର୍ସେଲା ନୁନେଜ ସ୍ମିଥ ସୂଚନା ଦେଇଛନ୍ତି ।


ବାଇଡେନ କହିଛନ୍ତି, ସେ ଯେଉଁ ତଥ୍ୟ ଦେଇଛନ୍ତି ତାହା ଅତ୍ୟନ୍ତ ଚିନ୍ତାଜନକ । ଆମେରିକାରେ ସଂକ୍ରମଣ ମାମଲା ଦ୍ରୁତ ଗତିରେ ବଢୁଛି, ଡାକ୍ତରଖାନାରେ ଭର୍ତ୍ତି ରୋଗୀଙ୍କ ସଂଖ୍ୟା ମଧ୍ୟ ବଢୁଛି ଏବଂ ମହାମାରୀରେ ବହୁ ଲୋକ ମୃତ୍ୟୁ ବରଣ କରୁଛନ୍ତି । ପ୍ରାୟ ସମଗ୍ର ଦେଶରେ ଅବସ୍ଥା ଅତ୍ୟନ୍ତ ଖରାପ ।

ସେ କହିଛନ୍ତି ଯେ, ଏହି ସପ୍ତାହରେ ଏକ ନିରାପଦ ତଥା ପ୍ରଭାବଶାଳୀ କୋଭିଡ -୧୯ ଟୀକା ପ୍ରସ୍ତୁତ କରିବା ଦିଗରେ ଏକ ଖୁସି ଖବର ଆସିଛି । ସୋମବାର ଔଷଧ କମ୍ପାନୀ ପିଫାଇଜର ଦାବୀ କରିଛି ଯେ ସେମାନଙ୍କ ଦ୍ୱାରା ବିକଶିତ ହୋଇଥିବା କୋଭିଡ -୧୯ ଟୀକା ୯୦ ପ୍ରତିଶତ ପ୍ରଭାବଶାଳୀ । ବାଇଡେନ କହିଛନ୍ତି ଯେ, ମହାମାରୀ ସମ୍ବନ୍ଧରେ କେନ୍ଦ୍ର ସରକାର ଦୃଢ଼ ଏବଂ ଜରୁରୀ ପଦକ୍ଷେପ ଗ୍ରହଣ କରିବା ଉଚିତ । ସେ କହିଛନ୍ତି ଯେ, ମୁଁ ଆମେରିକାର ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଛି, କିନ୍ତୁ ମୁଁ ଆସନ୍ତା ବର୍ଷ ରାଷ୍ଟ୍ରପତି ହେବି । ସେପର୍ଯ୍ୟନ୍ତ ମାମଲା ବନ୍ଦ ହେବ ନାହିଁ, ଏହା ବର୍ତ୍ତମାନ ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଉଛ । ପରିସ୍ଥିତିର ଗମ୍ଭୀରତାକୁ ବିଚାର କରି ବର୍ତ୍ତମାନର ପ୍ରଶାସନ ତୁରନ୍ତ ଠୋସ୍ ପଦକ୍ଷେପ ନେବା ଆବଶ୍ୟକ ।

# ଭିକ ମାଗି ପେଟ ପୋଷୁଥିବା ମହିଳା ରାସ୍ତା ଉପରେ ଜନ୍ମଦେଲେ ଶିଶୁ

ପାରଳାଖେମୁଣ୍ଡି, (ନିପ୍ର) : ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ବିଚ୍ ରାସ୍ତାରେ । ପାରଳାଖେମୁଣ୍ଡି ରାଜନଗର ସାମନା ମୁଖ୍ୟ ରାସ୍ତାରେ ଭିକ୍ଷାବୃତ୍ତି କରି ପେଟ ପୋଷୁଥିବା ଜଣେ ନିରୀହ ମହିଳା ରାସ୍ତା ଉପରେ ପ୍ରବସ କରିଥିବା ସୂଚନା ମିଳିଛି । ପ୍ରସବ ଯନ୍ତ୍ରଣା ଆରମ୍ଭ ହେବାରୁ ସେ ମେଡିକାଲ ଯାଉଥିବା ବେଳେ ରାସ୍ତାରେ ଶିଶୁକୁ ଜନ୍ମ ଦେଇଥିବା ସୂଚନାରେ କୁହାଯାଇଛି । ରାସ୍ତାରେ ଏପରି ଗୁରୁତର ଅବସ୍ଥାରେ ମହିଳାଙ୍କୁ ଦେଖି କିଛି ସୁହୃଦୟ ସାମ୍ବାଦିକ ଏବଂ ସ୍ଥାନୀୟ ଲୋକେ ମହିଳାଙ୍କୁ ସହଯୋଗ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ଜଣାପଡ଼ିଛି । ଏହି ଘଟଣା ସହରରେ ବିଶେଷ ଆଲୋଚନାର ବିଷୟ ପାଲଟିଛି । ଭିକ ମାଗି ପେଟ ପୋଷୁଥିବା ମହିଳା ଏବେ କେମିତି ସମ୍ଭାଳିବ ନବଜାତ ଶିଶୁ ! !

# ବନ୍ଦେ ଉତ୍କଳ ଜନନୀକୁ ପାଠ୍ୟକ୍ରମରେ ସାମିଲ କରିବା ନିଷ୍ପତ୍ତିକୁ କୋସଲ ରାଜ୍ୟ ସମନ୍ୱୟ ସମିତିର ଦୃଢ଼ ନିନ୍ଦା



ବଲାଙ୍ଗିର, (ନିପ୍ର) : ବାଲେଶ୍ୱର ଓ ତିର୍ତୋଲ ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ବିଧାନସଭା ଉପନିର୍ବାଚନରେ ଜିତି ସାରିବା ପରେ ଉପକୂଳ ଓଡିଶାବାସୀଙ୍କୁ ଦୀପାବଳୀ ଭେଟି ଦେବାକୁ ଓଡିଶା ସରକାର ବନ୍ଦେ ଉତ୍କଳ ଜନନୀକୁ ନବମ ଓ ଦଶମ ଶ୍ରେଣୀର ପାଠ୍ୟକ୍ରମରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସରକାରଙ୍କର ଏତାଦୃଶ ଏକପାଖିଆ ନିଷ୍ପତ୍ତି ଯୋଗୁଁ ୨କୋଟି କୋସଲବାସୀ ସଂପୂର୍ଣ୍ଣ ରୂପେ ବ୍ୟଥିତ ଓ କ୍ରୋଧାନ୍ୱିତ ହୋଇଥିବା କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ କୁହାଯାଇଛି । ପୂର୍ବରୁ ଏ ଅଂଚଳର ଜନସାଧାରଣଙ୍କ ବ୍ୟାପକ ପ୍ରତିବାଦ ସତ୍ୱେ ରାଜ୍ୟ ସରକାର ଅସାଂବିଧାନିକ ଭାବରେ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଂଗୀତର ମର୍ଯ୍ୟାଦା ଦେଇଦେଲେ । ଏବେ ସ୍କୁଲ ପାଠ୍ୟକ୍ରମରେ ଏହାକୁ ସାମିଲ କରି ରାଜ୍ୟ ସରକାର ତାଙ୍କର ହିଟଲରୀ ମନୋବୃତ୍ତିକୁ ପ୍ରତିପାଦିତ କରୁଛନ୍ତି । ଓଡିଶା ସରକାରଙ୍କର ଏତାଦୃଶ ନିଷ୍ପତ୍ତି ବ୍ରିଟିଶ ଶାସନ ସମୟରେ ଭାରତୀୟମାନଙ୍କୁ ଜବରଦସ୍ତି ବ୍ରିଟେନର ମହାରାଣୀଙ୍କ ଜୟଗାନ କରିବାକୁ ବାଧ୍ୟ କଲା ପରି ଘଟଣା ହୋଇଥିବାରୁ କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ କମିଟି ତରଫରୁ ଏହାର ଦୃଢ଼ ପ୍ରତିବାଦ କରାଯାଇଛି ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ କୋସଲ, କଳିଙ୍ଗ ଓ ଉତ୍କଳକୁ ନେଇ ରାଜନୈତିକ ଓଡିଶା ଗଠିତ ହୋଇଥିଲେ ହେଁ ସଦା ସର୍ବଦା ଓଡିଶାରେ ଉତ୍କଳର ଜୟଗାନ କରିବା ସହ କୋସଲବସୀଙ୍କୁ ପଦାଘାତ କରାଯାଉଛି । ୧୯୩୬ ଓ ୧୯୪୮ ମସିହାରେ ଦୁଇଟି ପର୍ଯ୍ୟାୟରେ ଓଡିଶା ସହ ଏଅଂଚଳର ଜନସାଧାରଣଙ୍କୁ ସେମାନଙ୍କ ସହମତି ବିନା ମିଶ୍ରଣ କରାଯାଇ ଗତ ୭/୮ ଦଶକ ହେଲା କୋସଲ ଅଂଚଳବାସୀଙ୍କୁ ଉଗ୍ର ଆଂଚଳିକ ବୈଷମ୍ୟର ଶିକାର କରାଯାଉଛି । ଏ ଅଂଚଳର ଅର୍ଥନୀତି, ସଂସ୍କୃତି, ଭାଷା ଓ ଇତିହାସକୁ ଧ୍ୱଂସ କରିବାର ଅପଚେଷ୍ଟା କରାଯାଉଛି । ଯେକୌଣସି ରାଜନୈତିକ ଦଳ ହେଉ ଯଥା ବିଜେଡି, ବିଜେପି, କଂଗ୍ରେସ କିମ୍ବା ବାମପନ୍ଥୀ ସମସ୍ତେ କେବଳ ଉପକୂଳ ଓଡିଶାର ସ୍ୱାର୍ଥ ସାଧନ କରୁଛନ୍ତି । ଏ ଅଂଚଳର ଜନସାଧାରଣଙ୍କ ଏକତାର ଅଭାବ ଓ ନିର୍ବାଚିତ ରାଜନୈତିକ ପ୍ରତିନିଧିମାନଙ୍କ ସ୍ୱାର୍ଥନ୍ୱେଷୀ ମନୋଭାବର ସୁଯୋଗ ନେଇ ଉପକୂଳ ଓଡିଶାର ରାଜନୈତିକ ପୂଜାପଣ୍ଡା ଓ ସରକାର କୋସଲ ଅଂଚଳକୁ ଧ୍ୱଂସ କରିବାକୁ ବସିଛନ୍ତି । ଏହାର ଚରମ ଉଦାହରଣ ହେଲା ବନ୍ଦେ ଉତ୍କଳ ଜନନୀକୁ ନେଇ ଓଡିଶା ସରକାର ଓ ଓଡିଶାର ରାଜନୈତିକ ଦଳମାନଙ୍କର ଆଭିମୁଖ୍ୟ । ସାରା ବିଶ୍ୱ ଯେତେବେଳେ କରୋନା ମହାମାରୀର ମୁକାବିଲା କରୁଥିଲା ସେତେବେଳେ ଓଡିଶା ସରକାର ଜନସାଧାରଣଙ୍କୁ ସୁରକ୍ଷା ଦେବା ବଦଳରେ ଅଗଣତାନ୍ତ୍ରିକ ଭାବରେ ବନ୍ଦେ ଉତ୍କଳ ଜନନୀକୁ ନେଇ ଯେଉଁଭଳି ଖେଳୁଥିଲେ ଓ ସବୁ ରାଜନୈତିକ ଦଳ ଏହି ପ୍ରସଂଗରେ ରାଜ୍ୟ ସରକାରଙ୍କୁ ଅନ୍ଧ ସମର୍ଥନ ଦେଇଛନ୍ତି, ଏହାକୁ ଆଗାମୀ କାଲିର ଇତିହାସ କ୍ଷମା ଦେବନାହିଁ ବୋଲି କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର ଓ ସାଧାରଣ ସମ୍ପାଦକ ଶ୍ରୀ ସୁନୀଲ ପୁରୋହିତ ମତବ୍ୟକ୍ତ କରିଛନ୍ତି ।

ଏହି ପ୍ରସଙ୍ଗରେ କୋସଲ ରାଜ୍ୟ ସମନ୍ୱୟ ସମିତି ଖୁବଶୀଘ୍ର ରାଜରାସ୍ତାକୁ ଓହ୍ଲାଇବା ସହ ବ୍ୟାପକ ଜନଜାଗରଣ ଓ ଆନ୍ଦୋଳନ କରିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି ।

# କାଗଜ କଲମରେ ଚାଲିଛି ଭୂମିହୀନଙ୍କୁ ପଟ୍ଟା ବଂଟନ : ପଟ୍ଟା ପାଇବାର ୨୨ବର୍ଷ ପରେ ମଧ୍ୟ ଚିହ୍ନଟ ହୋଇନି ଜାଗା : ଘର ନିର୍ମାଣରୁ ବଂଚିତ ହେଉଛନ୍ତି ହିତାଧିକାରୀ, ପାର୍ଚ୍ଚା ଦେଖି କଟୁଛି ଦିନ



ଦେଓଗାଁ, (ନିପ୍ର) : ବର୍ଷ ବର୍ଷ ହେଲା ହାତରେ ପଟ୍ଟା ଧରି ଜାଗାକୁ ଅନାଇ ବସିଛନ୍ତି ଭୂମିହୀନ । କେନ୍ଦ୍ର ଓ ରାଜ୍ୟ ସରକାର ଭୂମିହୀନଙ୍କୁ ଜାଗା ଦେବା ପାଇଁ ଅନେକ ଗୁଡିଏ ଯୋଜନା ପ୍ରଣୟନ କରୁଛନ୍ତି । ହେଲେ ପଟ୍ଟା ଧରାଇ ଦେଇ ଜାଗା ଚିହ୍ନ କରୁ ନଥିବାରୁ ଭୂମିହୀନଙ୍କୁ ଜାଗା ଦିଆ କାମ କାଗଜ କଲମରେ ହେଉଛି ଅଭିଯୋଗ ହେଉଛି । ଭୂମିହୀନ ଲୋକ ପଟ୍ଟା ପାଇବାର ୨୨ ବର୍ଷ ବିତି ଯାଇଥିଲେ ମଧ୍ୟ ତହସିଲଦାର କି ଉପଜିଲ୍ଲାପାଳ, ଗରିବ ଲୋକଙ୍କୁ ଗାଁକୁ ଯାଇ ଜାଗା ଚିହ୍ନଟ କରିନଥିବାରୁ ଏହି ଯୋଜନା କାହା ପାଇଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦେଓଗାଁ ବ୍ଲକ ଶେଷ ମୁଣ୍ଡରେ ଥିବା ଅର୍ଜୁନପୁର ପଂଚାୟତର ଅଇଁଲାପାଲି ଗାଁ ହେଉଛି ଏକ ଆଦିବାସୀ ବହୁଳ ଗାଁ । ଏହି ଗାଁର ଲୋକେ ଦିନ ମଜୁରିଆ ଓ ଚାଷୀ ଶ୍ରେଣୀର ଲୋକେ, ସରଳ ଜୀବନଯାପନ କରୁଛନ୍ତି । ଶତାଧିକ ଲୋକଙ୍କ ନିଜର ବାସସ୍ଥାନର କୌଣସି ପ୍ରମାଣ ପତ୍ର ନ ଥିବାରୁ ୧୯୯୮ ମସିହାରେ ତତ୍‌କାଳୀନ ରାଜ୍ୟ ସରକାର ଏହି ଗାଁର ୪୫ ଜଣ ଭୂମିହୀନଙ୍କୁ ୪ ଡିସମିଲ ଲେଖାଏଁ ଅଇଁଲାପାଲି ଗାଁର ବଡିକଟାଁରେ ଯୋଗାଇ ଦିଆଯାଇଛି ବୋଲି ସେହି ସମୟର ତହସିଲଦାର କହିଥିଲେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଗାଁଲୋକ ବର୍ଷ ବର୍ଷ ଧରି ନିଜ ଜାଗାକୁ ଅନାଇ ତହସିଲଦାରଠୁ ଆରମ୍ଭ କରି ଜିଲ୍ଲାପାଳ, ବିଧାୟକ, ସାଂସଦଙ୍କ ନିକଟରେ ଜାଗା ଚିହ୍ନଟ କରାଇବା ପାଇଁ ଗୁହାରୀ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ହତାଶ ହୋଇ ବସି ରହିଥିବା ଆମ ପ୍ରତିନିଧୀଙ୍କ ସମ୍ମୁଖରେ ବଖାଣିଛନ୍ତି । ଏବେ ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଭୂମିହୀନଙ୍କ ପାଇଁ କାଳିଆ ଓ ବଳିଆ ଯୋଜନା ଉନ୍ନତି କରାଯିବ ବୋଲି ଘୋଷଣା କରୁଥିବା ବେଳେ ସାମାନ୍ୟ ଜାଗା ଚିହ୍ନଟ କରି ପାରୁ ନ ଥିବାରୁ ସରକାରଙ୍କ ଭୂମିହୀନ ପ୍ରତି ସମବେଦନା ପଦାରେ ପଡିଦାଣ୍ଡରେ ଗଡିଛି । ଖାଲି ଅଇଁଲାପାଲି ଗାଁ ନୁହେଁ ଦେଓଗାଁ ତହସିଲର ରାମଚନ୍ଦ୍ରପୁର, ବଡବନ୍ଧ, ସିଂହାମୁଣ୍ଡା, ମୁକୁନ୍ଦପୁର. ଦେଓଗାଁ, ବନ୍ଧପଡା, କୁଲୁତାପଡା, ଗୌଡଗୋଠ ପଂଚାୟତର ବିଭିନ୍ନ ଗାଁରେ ଭୂମିହୀନଙ୍କୁ ପଟ୍ଟା ମିଳିଥିଲେ ବି ଜାଗା ଚିହ୍ନଟ ହୋଇନଥିବା ଜଣାପଡିଛି ।

## ସୋଲାର ପ୍ୟାନେଲ ଜଳଯୋଗାଣ ପ୍ରକଳ୍ପ ଲୋକାର୍ପିତ


ଲୋଇସିଂହା,(ନିପ୍ର): ଗ୍ରାମାଂଚଳରେ ବିଦ୍ୟୁତ ବିଭ୍ରାଟ ଯୋଗୁଁ ଅନେକ ସମୟରେ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିବା ବେଳେ ସୋଲାର ପ୍ୟାନେଲ ବ୍ୟବସ୍ଥା ସୁବିଧା ଦେଇଥାଏ । ଏହି କ୍ରମରେ ଆଜି ଲୋଇସିଂହା ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମରେ ୱାର୍ଲ୍ଡ ଭିଜନ ଇଣ୍ଡିଆ ସହାୟତାରେ ଅବସ୍ଥାପିତ ସୋଲାର ପ୍ୟାନେଲ ଜଳଯୋଗାଣ ପ୍ରକଳ୍ପକୁ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଲୋକାର୍ପଣ କରିଛନ୍ତି । ଲୋଇସିଂହା ବ୍ଲକ ଅଧିନସ୍ଥ ପ୍ରାୟ ୧୬ ଟି ପ୍ରକଳ୍ପ ବିଭିନ୍ନ ଗ୍ରାମରେ ନିର୍ମାଣ ହୋଇଥିବା ବେଳେ ଆଜି ଝାରମୁଣ୍ଡା ଖେଳପଡିଆ ନିକଟସ୍ଥ ପ୍ରକଳ୍ପକୁ ବିଧାୟକ ଡ. ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ନଡିଆ ଭାଙ୍ଗି ଫିତା କାଟି ପାନୀୟ ଜଳ ର ଶୁବ ଉଦଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ଝାରମୁଣ୍ଡା ଏଥଲେଟିକ ଏସୋସିଏସନ ସଭାପତି ଶ୍ୟାମସୁନ୍ଦର ମେହେର ସଭାପତିତ୍ୱ କରିଥିଲେ । ଏଥିରେ ବିଧାୟକ ଡ. ମିକେଶ ମହାଲିଙ୍ଗ ମୁଖ୍ୟଅତିଥି, ୱାର୍ଲ୍ଡ ଭିଜନ ଇଣ୍ଡିଆ ଏଡିପି ଲୋଇସିଂହା ମ୍ୟାନେଜର ଅମୀନ ପାଣିଗ୍ରାହୀ, ଝାରମୁଣ୍ଡା ସରପଂଚ ସୁନିଲ ଅଗ୍ରୱାଲ ସମ୍ମାନୀତ ଅତିଥି ବାବେ ଯୋଗଦେଇଥିଲେ । କୋବିଦ-୧୯ କଟକଣା ନିୟମାନୁସାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଡ. ମହାଲିଙ୍ଗ କେନ୍ଦ୍ରସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସଂପର୍କରେ କହିବା ସହିତ କରୋନା ସଂକ୍ରମଣରୁ ବଂଚିବା ପାଇଁ ମାକ୍ସ ର ବ୍ୟବହାର,ହାତଧୁଆର ଅଭ୍ୟାସ ସହ ପାନୀୟ ଜଳର ସୁଦୁପେଯାଗ ଉପରେ ବୁଝାଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନାରେ ୱାର୍ଲ୍ଡ ଭିଜନ ଇଣ୍ଡିଆର ସୁଧିର ସ୍ୱାଇଁ, ବିରଂଜନ ବାଗ, ଆଲୋକ ସାମନ୍ତରାୟ, ଧୃବଚରଣ ବିଶ୍ୱାଲ ସମେତ ଏସୋସିଏସନ ସଂପାଦକ ସଚିଦାନନ୍ଦ ସାହୁ,ସୁଦାଂଶୁ ମାହାକୁର,ମନୋଜ ଧରୁଆ ପ୍ରମୁଖସହ ଯୋଗ କରିଥିଲେ । ଶେଷରେ ଇସମାଏଲ ହନୁମାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସେମାନେ ଯାହା କୁହନ୍ତି.....




**ନରେନ୍ଦ୍ର ବାଗ, ଅଇଁଲାପାଲି**

ଦୀର୍ଘ ୨୨ବର୍ଷ ହେଲା ସରକାର ବାହାଦୁର ବିଚ଼ାର କରି ଆମକୁ ୪ ଡିସମିଲ ଲେଖାଏଁ ଜାଗା ପ୍ରଦାନ କରିଛନ୍ତି । ହେଲେ ଏହି ଜାଗାର ପଟ୍ଟାକୁ ଧରି ଆମେ ଡୁଗ୍ ଡୁଗ୍ ଦେଖୁଛୁ, କେତେ ବେଳେ ବି ସରକାର ଆସି ଜାଗା ଚ଼ିହ୍ନଟ କରି ଦେବାରନି, କି ଆମର କଥା ଶୁନବାରନି । ଆମେ ହେନ୍‌ତା ତାକର୍ ବାଟ୍ ଟାକିକରି ବସିଛୁଁ ।



**ପୁଷ୍କର ବାଗ, ଅଇଁଲାପାଲି**

ଗଲା ୨୧ ବର୍ଷ ହେଲା ମୁଇଁ ପାର୍‌ଚ଼ା, ପଟ୍ଟା ପାଇଛେଁ । ହେଲେ ମୁଇଁ ବୁଢ଼ା ହେଇ ବସଲିନ’ ଆଏଜ ତକ ସରକାର ଜାଗା ଚ଼ିହ୍ନଟ ନି କରବାର ତାଲି, ଯେନଥିର ଲାଗି ମୁଇଁ ଘରଦ୍ୱାର ବି ବନେଇ ନାଇଁ ପାରବାର । ଆମେ ପାଇଥିବାର ଜାଗା ଆମକେ ଚିହ୍ନଟ କରେଇ ଦେଲେ ଆମେ ସେନେ ଘରଦୁଆର ବନେଇ କରି ରହେତୁ ।



**ପ୍ରକାଶ ସୁନା, ଅଇଁଲାପାଲି**

ଆମର ଗାଁର ୪୫ ଜଣ ଭୂମିହୀନ ଲୋକ ପାର୍‌ଚା ପାଇଛୁ । ୨୦୦୦ ମହିସାରେ ତତ୍‌କାଳୀନ ତହସିଲଦାର ଗାଁକୁ ଆସି ତୁମ ଗାଁରେ ଥିବା ବାଡିକଟାଁରେ ଜାଗା ସରକାର ପକ୍ଷରୁ ଯୋଗାଇ ଦିଆଯାଇଛି ବୋଲି କହିଥିଲେ । କିନ୍ତୁ ଜାଗା ପାଇଥିବା କିଛି ଲୋକ ମୃତ୍ୟୁ ବରଣ କରି ସାରିଥିଲେ ମଧ ଏ ପର୍ଯ୍ୟନ୍ତ ଜାଗା ଚିହ୍ନଟ ହୋଇ ପାରିଲାନି । ଏହି ୪୫ ଜଣଙ୍କ ଜାଗା ଚିହ୍ନଟ କରି ଆଦର୍ଶ କଲୋନୀ ନିର୍ମାଣ କରିବାକୁ ସରକାରଙ୍କୁ ଅନୁରୋଧ କରୁଛୁ ।

## ପରଧିଆପାଲି ବିସ୍ଥାପିତଙ୍କ ମେଳିରେ ବିଧାୟକ : ଆଗ ଥଇଥାନ, ପଛେ ଡ୍ୟାମ କାମ

ଲୋଇସିଂହା, (ନିପ୍ର) : ଲୋଇସିଂହା ବ୍ଲକ ଅନ୍ତର୍ଗତ ଗଡଶଙ୍କର ଡୁଙ୍ଗୁରିପାଲିରେ ଚାଲିଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ୪ ବିସ୍ଥାପିତ ଗ୍ରାମର ଲୋକଙ୍କୁ ନେଇ ଏକ ବୈଠକ ପରଧିଆପାଲି ଗାଁରେ ଅୟୋଜିତ ହୋଇଥିଲା । ଆଗ ଥଇଥାନ, ପଛେ ଡ୍ୟାମ କାମ ନାରା ଦେଇ ଆୟୋଜିତ ଏହି ବୈଠକରେ ୨୦୧୩ ଜମି ଅଧିଗ୍ରହଣ ନିୟମ କାର୍ଯ୍ୟକାରୀ, ଜମି ବଦଳରେ ଜମି ପରି ବିଭିନ୍ନ ଦାବୀ କରିଥିଲେ । ବୁଡି ଅଂଚଳବାସୀଙ୍କୁ ପ୍ରଶାସନ ଅଣଦେଖା କରୁଥିବା ବେଳେ ମୌଳିକ ଅଧିକାରରୁ ମଧ୍ୟ ବଂଚିତ କରୁଛି । ସରକାରୀ ଆବାସ ଯୋଜନାରୁ ବାଦ କରୁଥିବା ବେଳେ ଶୌଚାଳୟ ନିର୍ମାଣରେ ମଧ୍ୟ ଅଣଦେଖା କରିଛି । ଏହାସହ ନିଜ ଭିଟାମାଟି ଛାଡି ବିସ୍ଥାପନ ହେଉଥିବା ଲୋକଙ୍କ ମୌଳିକ ସମସ୍ୟା ଉପରେ ମଧ୍ୟ ସରକାର ନୀରବଦ୍ରଷ୍ଟା ସାଜୁଛନ୍ତି ବୋଲି ଅଭିଯୋଗ ଉଠିଛି । ତେବେ ଏହି ବୈଠକରେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଯୋଗ ଦେଇ ବିସ୍ଥାପିତଙ୍କ ସହ ଅଛନ୍ତି ଏବଂ ରହିବେ ବୋଲି କହିଥିଲେ । ବୁଡି ଅଂଚଳବାସୀଙ୍କ ସମସ୍ୟାକୁ ଆଗାମୀ ବିଧାନସଭାରେ ଉପସ୍ଥାପନ କରି ସରକାରଙ୍କ ଠାରେ ଦାବୀ ଜଣାଇବେ । ଏହାସହ ଅବାସ ଯୋଜନା ଓ ଶୌଚାଳୟ ଯୋଜନା ଯେପରି ଏହି ଅଂଚଳବାସୀଙ୍କ ପାଇଁ ଶୀଘ୍ର କାର୍ଯ୍ୟକାରୀ ହୋଇପାରିବ ଓ ଏହା ଉପରେ ମଧ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ । ପରଧିଆପାଲି ଗ୍ରାମର କବିନ୍ଦ୍ର ଗଡତ୍ୟାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଜିତୁ ରାଉତ, ଲଳିତ ମୋହନ ଗଡତ୍ୟା, ହେମାଙ୍ଗିନୀ ବାରିକ, ବ୍ୟାସଦେବ ନାଏକ ପ୍ରମୁଖ ବକ୍ତବ୍ୟ ରଖି ଅଂଚଳବାସୀଙ୍କ ସମସ୍ୟା ଉପରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ପରଧିଆପାଲି ଓ କଇଣ୍ଡାପାଲି ଅଧିବାସୀ ଯୋଗ ଦେଇଥିଲେ ।

## କଂଟାବାଂଜି ସବ୍ ଜେଲ ଅନ୍ତେବାସୀଙ୍କୁ ଦୀପାବଳି ମିଷ୍ଟାନ ଦେଇ ଶୁଭେଚ୍ଛା ଜଣାଇଲେ ବିଧାୟକ ସାଲୁଜା

କଂଟାବାଂଜି,(ନିପ୍ର): କଂଟାବାଂଜି ସବ୍ ଜେଲ ଅନ୍ତେବାସୀମାନଙ୍କୁ ଶନିବାର ଦିନ ବିଧାୟକ ସନ୍ତୋଷ ସିଂ ସାଲୁଜା ଦୀପାବଳି ପର୍ବ ଅବସରରେ ଜେଲରେ ସାକ୍ଷାତ କରି ସମସ୍ତଙ୍କୁ ମିଷ୍ଟାନ୍ନ, ସାନିଟାଇଜର ଓ ମାସ୍କ ବଂଟନ କରିଛନ୍ତି । ଏହି ଅବସରରେ ଜେଲରେ ଥିବା ୬୦ ଜଣ ଅନ୍ତେବାସୀଙ୍କୁ ସାକ୍ଷାତ କରି ଦୀପାବଳି ଶୁଭେଚ୍ଛା ଜଣାଇଛନ୍ତି । ଜେଲରେ ଥିବା ଅନ୍ତେବାସୀମାନଙ୍କ ବିଭିନ୍ନ ସମସ୍ୟା ବୁଝିବା ସହ ଯଥା ଶୀଘ୍ର ଜେଲରେ ପାଣି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି । ଏପରିକି ତାଙ୍କ ବ୍ୟକ୍ତିଗତ ଆର୍ଥିକ ସହାୟତାରେ ଅନ୍ତେବାସୀମାନଙ୍କ ପିଇବା ପାଣି ପାଇଁ ଏକ ଫିଲଟର ଆକୁଆଗାର୍ଡ ତତ୍‌କ୍ଷଣାତ ଦେବା ପାଇଁ କହିଛନ୍ତି । ଏହି ଅବସରରେ ସବ୍ ଜେଲର ଅଧିକ୍ଷକ ଶ୍ରୀମତୀ ବିକାଶଲତା ବରୁଆଙ୍କ ଉପସ୍ଥିତିରେ ଅନ୍ତେବୋସୀମାନଙ୍କୁ ମିଷ୍ଟାନ୍ନ ବଂଟନ କରିବା ସହ ଆଗାମୀ ଦିନରେ ସୁନାଗରିକ ହେବା ପାଇଁ ବିଧାୟକ ସାଲୁଜା ପରାମର୍ଶ ଦେଇଛନ୍ତି ।


## ଦୀପାବଳି ପୂର୍ବରୁ ସୀମାରେ ଗୁଳି ବିନିମୟ : ୩ ଭାରତୀୟ ଓ ୪ ପାକିସ୍ତାନୀ ସୈନିକ ନିହତ

ନୂଆଦିଲ୍ଲୀ : ଭାରତ ଏବଂ ପାକିସ୍ତାନ ପରସ୍ପରକୁ ନିୟନ୍ତ୍ରଣ ଲାଇନ୍‌ରେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ଅଭିଯୋଗ କରିଛନ୍ତି । ଭାରତୀୟ ସେନା କହିଛି ଯେ ଜାମ୍ମୁ କାଶ୍ମୀରର ଲାଇନ୍ ଅଫ୍ କଣ୍ଟ୍ରୋଲ ନିକଟରେ ଥିବା ଗୁରେଜ ଏବଂ ଉରି ସମେତ ଅନେକ ସେକ୍ଟରରେ ଅସ୍ତ୍ରବିରତି ଉଲ୍ଲଂଘନ କରି ପାକିସ୍ତାନ ଶୁକ୍ରବାର ଦିନ ଗୁଳି ଚଳାଇଛି । ପାକିସ୍ତାନ ମଧ ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ଅଭିଯୋଗ କରିଛି । ପାକିସ୍ତାନର ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ମୁଜାଫରବାଦ) ଏକ ବିବୃତ୍ତି ଜାରି କରି କହିଛି ଯେ ଭାରତୀୟ ସେନା ଶୁକ୍ରବାର ଦିନ ନୀଲମ୍ ଏବଂ ଜେଲମ୍ ଭ୍ୟାଲି ଜିଲ୍ଲାରେ ଅସ୍ତ୍ରବିରତି ଉଲ୍ଲଂଘନ କରିଛି ।

ଭାରତୀୟ ସେନା ଅନୁଯାୟୀ ଦୀପାବଳି ପୂର୍ବରୁ ସୀମାରେ ଗୁଳି ବିନିମୟରେ ତିନିଜଣ ଭାରତୀୟ ସୁରକ୍ଷା ବାହିନୀ ସମେତ ଅତି କମରେ ୬ ଜଣଙ୍କ ମୃତ୍ୟୁ ଖବର ରହିଛି । ଭାରତୀୟ ସୁରକ୍ଷା ବଳର ତିନିଜଣ ସଦସ୍ୟ ଆହତ ମଧ ହୋଇଛନ୍ତି । ଏଥିସହିତ ୪ ପାକିସ୍ତାନୀ ସୈନିକଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ଖବରରେ କୁହାଯାଇଛି ।

## ଆତଙ୍କିସ୍ତାନର ସେନାଙ୍କ ଆରୋପ, ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ ପାଇଁ ଭାରତ ୧ କୋଟି ଟଙ୍କା ଦେଇଛି

ଇସଲାମାବାଦ : ଜାମ୍ମୁ କାଶ୍ମୀରରେ ଆତଙ୍କବାଦ କାରଖାନା ଚଳାଉଥିବା ଆତଙ୍କିସ୍ତାନ (ପାକିସ୍ତାନ) ଏବେ ଏଫ୍‌ଏଟିଏଫ୍‌ରୁ ରକ୍ଷା ପାଇବା ପାଇଁ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଆକ୍ରମଣ ନିସ୍ତାର ପାଇବାକୁ ଆଉ ଏକ କୌଶଳ ଆପଣେଇଛି । ଆତଙ୍କବାଦୀଙ୍କୁ ଉତ୍ସାହିତ କରିଥିବା ପାକିସ୍ତାନୀ ସେନା ଅଭିଯୋଗ କରିଛି ଯେ, ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ ପାଇଁ ଭାରତର ଗୁପ୍ତଚର ସଂସ୍ଥା ଆର୍‌ଏଡବ୍ଲ୍ୟୁ ୧ କୋଟି ଟଙ୍କା ଦେଉଛି । ଏଥି ସହିତ ବିଶ୍ୱ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଶାହ ମହମୁଦ କୁରେଶି ଦାବୀ କରିଛନ୍ତି ଯେ, ଭାରତ ଆତଙ୍କବାଦ ବିସ୍ତାର କରୁଥିବାର ଅକାଟ୍ୟ ପ୍ରମାଣ ରହିଛି ଏବଂ ସେ ଏହାକୁ ଅନ୍ତର୍ଜାତୀୟ ସମୁଦାୟକୁ ଦେବ । ପାକିସ୍ତାନୀ ସେନାର ମୁଖପାତ୍ର ମେଜର ଜେନେରାଲ ବାବର ଇଫ୍‌ତିଖାର ଦାବୀ କରିଛନ୍ତି ଯେ ଭାରତର ଗୁପ୍ତଚର ଏଜେନ୍ସି ଆର୍‌ଏଡବ୍ଲ୍ୟୁ ପାକିସ୍ତାନରେ ଆତଙ୍କବାଦ ବସ୍ତାର କରିବାକୁ ଚେଷ୍ଟା କରୁଛି । ସେ କହିଛନ୍ତି, ନିକଟରେ ଭାରତରୁ ୨୦ ଜଣ ଆତଙ୍କବାଦୀଙ୍କୁ ପାକ୍-ଆଫଗାନିସ୍ତାନ ସୀମାକୁ ଅଣାଯାଇଛି । ତାଙ୍କୁ ଡାଏସର କମାଣ୍ଡର, ଶେଖ ଅବଦୁଲ ରହୀମ ଛଦ୍ମନାମ ଅବଦୁଲ ରହୀମ ମୁସଲିମ ବନ୍ଧୁ ଭାବରେ ନିଯୁକ୍ତ କରାଯାଇଛି । ପିଓକେ ଠାରୁ ଆଫଗାନିସ୍ତାନ ସୀମା ପର୍ଯ୍ୟନ୍ତ ଆତଙ୍କବାଦୀ କ୍ୟାମ୍ପ ଚଳାଉଥିବା ପାକିସ୍ତାନୀ ସେନା ଦାବୀ କରିଛି ଯେ, ଭାରତ ୮୭ଟି ଆତଙ୍କବାଦୀ ଶିବିର ଚଳାଉଛି ।



# ଝାନ୍ସୀ ରାନୀ ଲକ୍ଷ୍ମୀବାଈ



ଭାରତ ନେ ଇଂରେଜ୍ ମାନ୍କର୍ ସବୁଠାନୁ ବଡ଼ ଶାସନ୍ ଅଧିକାରୀ କେ ବଡ଼୍ଲାଟ୍ ବଲି କୁହାଯଉଥିଲା । ସେ ସମିଆଁ ନେ ବଡ଼୍ଲାଟ୍ ଥିଲେ ଲର୍ଡ଼ ଡେଲ୍‌ହାଉସୀ । ସେ ତାକର୍ ସମିଆଁ ଥି "ରାଜ୍ - ସ୍ୱତ ଲୋପ୍" ନାଁ ଥି ଗୁଟେ ନୂଆଁ ଆଇନ୍ ବାହାର୍ କଲେ । ଇ' ଆଇନର୍ ବଫୁ ଥି ଭାରତର ରଜା ମାନେ, ଯାହାର ପୁଓ ନେଇଁଥାଇ, ଆର୍ ପୋଷ୍ୟପୁତର୍ କରି ନେଇଁ ପାର୍‌ଲେନ' ।

ସେତେବେଲେ ଝାନ୍ସୀ ରାଏଜର୍ ରଜା ହେଇଥିଲେ ଗଙ୍ଗାଧର ରାଓ । ତାକର ଗୁଟେ ବଲି ପୁଓ ଜନମ୍ ହେଇକରି ମରିଗଲା । ଇତାର୍ ଉତ୍‌ରୁ ସେ ଝନେକେ ପୋଷ୍ୟପୁତର୍ କଲେ । ମାତରକ' କେତେ ଦିନ୍ ଉତ୍‌ରୁ ୧୮୫୩ ସାଲେ ସେ ଭିଲ୍ ମରିଗଲା । ହେ ବଛ୍‌ରେ ଏକା ବଡ଼୍ଲାଟ୍ ଡେଲ୍‌ହାଉସୀ 'ରାଜ - ସ୍ୱତ୍ - ଲୋପ୍' ଆଇନ୍ ଲାଗୁ କଲେ । ତାର୍ ଆର' ବଛ୍‌ରେ ଝାନ୍ସୀ କେ ଇଂରେଜ୍ ମାନେ କାବୁ କରିନେଲେ ।

ଇଂରେଜ୍ ମାନେ ଝାନ୍ସୀ କେ ଅଧିକାର କରି ନୂଆଁ ଆଇନ୍ ଲାଗୁ କଲେ; ଯେନ୍‌ଥିର ଲାଗି ପର୍‌ଜା ମାନ୍‌କୁ ଅଏଧିକା କର୍ ଦେବାକେ ପଡ଼୍‌ଲା । ପର୍‌ଜା ମାନ୍‌କର୍ ଭିତ୍‌ରେ ବି ଅସନ୍ତୋଷ୍ ଭାବ୍ କୁହୁଲିଲା ।

ଗଙ୍ଗାଧର ରାଓ ରଜାର ରାନୀର ନାଁ ଲକ୍ଷ୍ମୀବାଈ । ଲକ୍ଷ୍ମୀବାଈ ଝନେ ଅସାଧାରନ୍ ବୀରାଙ୍ଗନା ରାନୀ ଥିଲେ । ପର୍‌ଜାକର୍ ଦୁଖ୍ ଦେଖି ସେ ଇଂରେଜ୍ ମାନ୍‌କର୍ ବିରୋଧ୍ ଥି ବିଦ୍ରୋହ କର୍‌ବାର୍ ସୁରୁ କରିଦେଲେ ।

ଇଟା ହଉଛେ ୧୮୫୭ ମସିହାର୍ କଥା । ସେ ବଛରର୍ ମେ' ମାସ୍ ବେଲ୍‌କେ ଆମର୍ ଭାରତ୍‌ର ଚାରିଆଡ଼େ ଦିଲ୍ଲୀ, ଅଯୋଧ୍ୟା, ରୋହିଲାଖଣ୍ଡ, ଗୋଆଲିଅର୍ ଭଳିଆ ଗୁର୍‌ଦୁ ଠାନେ ସିପାହୀମାନେ ବିଦ୍ରୋହର୍ ସୁରୁଆତ୍ କରି ଦେଇଥିଲେ । ଝାନ୍ସୀର୍ ଲୋକ୍‌ବାକ୍ ଆର୍ ସେନାବାହିନୀ ରାନୀ ଲକ୍ଷ୍ମୀବାଈଙ୍କର ନେତୃତ୍ୱ ଥି ବିଦ୍ରୋହ କେ ଫିକି ହେଲେ ।

ଝାନ୍ସୀର ରାନୀ ଲକ୍ଷ୍ମୀବାଈ କେ ସବୁ ମେତ୍‌ରି ସହଯୋଗ ଦେବାର୍ ଲାଗି ତାନ୍ତିଆଟୋପି ଆସି ପୁହୁଁଚିଲେ । ଇଂରେଜ୍ ମାନ୍‌କର୍ ବିରୋଧ୍ ଥି ୮ ମାସ୍ ତକ୍ ବିଦ୍ରୋହ ଚାଲ୍‌ଲା । ଶେଷେ ଇଂରେଜ ସେନାପତି ଜେନେରାଲ୍ ରୋଜ୍‌ଙ୍କର୍ ସାଙ୍ଗେ ଗୋଆଲିଅର୍ ଠାନେ ଘମାଘୋଟ୍ ଯୁଦ୍ଧ ବି ହେଲା ।

୧୮୫୮ ସାଲ୍ ଜୁନ୍ ମାସେ ରାନୀ ଲକ୍ଷ୍ମୀବାଈ ଇ' ଯୁଦ୍ଧ କରିଥିଲେ । ମୁନୁଷ୍‌ପିଲାର୍ ଲେଖେଁ ଭିଡ଼ିଭୁଡ଼ା ହେଇ ଘୁଡ଼ା ଥି ବୁଘି କରି ସେ ଘନ୍‌ଘୋର୍ ଯୁଦ୍ଧ କରୁଥିଲେ । ତାକର୍ ସାହାଁସ ଆର୍ ଯୁଦ୍ଧ କର୍‌ବାର୍ ତରିକା କେ ଦେଖିକରି ଇଂରେଜ୍ ମାନେ କାବା ହେଇଯାଇଥିଲେ । ଇ' ଯୁଦ୍ଧ ଥି ଖଁଡ଼ିଆ ଡଁଡ଼ିଆ ହେଇ ସେ ଜଂଗଲ୍ କେ ପଲେଇ ଯାଇଥିଲେ । ସେନେ ସେ ନିଜର୍ ଇଚ୍ଛା ଥି ଝନେ ନିଜର୍ ସୈନ୍ୟକେ ମାର୍‌ବାର୍ ଲାଗି କହିକରି ଜୀବନ୍ ତ୍ୟାଗ୍ କରିଥିଲେ । ତାକର୍ ସାହାଁସ ଆଏଜ୍ ତକ୍ ମାଁ ବହେନ୍ ମାନ୍‌କେ ସାହାଁସ୍ ଦେସି, ବଫୁ ଦେସି । ତାକର୍ ଜୀବନ୍ ଥି ସେ ଯାହା କରି ଯାଇଛନ୍, ସେଥିର୍ ଲାଗି ସେ ଇ' ପୁର୍‌ଥୀ ଥିବାର୍ ପତେ ଆମର୍ ମାନ୍‌କର ଭିତ୍‌ରେ ବାଁଚି କରି ରହେବେ ।

## ରନ୍ଧା ସୁଆଦ

# ବନ୍ଧାକୁବି କୋଫ୍‌ତା ତର୍‌କାରି

**ଯାହା ଯାହା ଦର୍‌କାର :**

ଗୁଟେ କଟା ହେଇଥିବାର୍ ଛୋଟ୍ ବନ୍ଧାକୁବି । ଦୁଇଟା ଛୁଆ ଛୁଆ କଟା ହେଇଥିବାର ଉଇଲ୍ । ଗୁଟେ ବଡ଼୍ ଚାମୁଚ୍ ଗରମ୍ ମସ୍‌ଲା ଗୁଁଡ଼୍ । ଗୁଟେ ଚାମୁଚ୍ ଲାଲ୍ ମିର୍‌ଚା ଗୁଁଡ଼୍ । ଗୁଟେ କପ୍ ବେସନ୍ । ସୁଆଦ୍ ଅନୁସାରେ ନୁନ୍ । ତର୍‌କାରିର୍ ଲାଗି ଲମ୍ ଲମ୍ କରି କଟା ହେଇଥିବାର୍ ଗୁଟେ ଉଇଲ୍ । ଦୁଇଟା ଲବଙ୍ଗ୍ । ଟିକେ ଡାଲ୍‌ଚିନି । ଟିକେ ଇଲାଚି ଗୁଁଡ଼ । ଲେସୁନ୍ ପାଁଚ୍ କୋଲ୍ । ସୁରୁ ଅଦା ଖଁଡ଼େ । ବଡ଼ ଚାମୁଚ୍ ଥି ଜିରା ଚାମ୍‌ଚେ । ଧନିଆଁ ଚାମ୍‌ଚେ । ପୋସ୍ତକ୍ ଚାମ୍‌ଚେ । କାଜୁ ଚାମ୍‌ଚେ । ଚାଏର୍ ପାଁଚ୍ ଟା କଁଚା ମିର୍‌ଚା । ଗୁଟେ ପାତଲ୍‌ଘଁଟା । ଅଧା କପ୍ କଟା ହେଇଥିବାର୍ ଧନିଆଁ ପତର୍ । ଦହି ସୁରୁ ଚାମଚ୍ ଥି ଦୁଇ ଚାମଚ୍ ।



**କେନ୍‌ତା କରି ରାନ୍ଧିବେ :**

ଦର୍‌କାରି ଜିନିଷ୍ ମାନ୍‌କୁ ଟିକେ ପାଏନ୍‌ଥି ଗୁଲି ଦଉନ୍ । ଟିକେ ତେଲ୍ ପକେଇକରି ସବୁକେ ଭାଜି ଦଉନ୍ । ଇତାର୍ ଉତ୍‌ରୁ ଗୁଲା ଗୁଲା କରି ଗୁଲା ବନଉନ୍ ବେସନ୍ ମେଶେଇ କରି । ଗୁଲା ମାନ୍‌କୁ ତେଲ୍ ଥି ଛାନି ଦଉନ୍ । ଇତାର୍ ଉତ୍‌ରୁ ମସ୍‌ଲା କସି କରି ଗୁଲାମାନ୍‌କୁ ତାର୍ ଉପ୍‌ରେ ପକେଇ ଦଉନ୍ । କସ୍‌ବାର୍ ଟିକେ କଡ଼ା ହେଲେ ନୁକୋ ସୁଆଦ୍ ଆଏସି । ପରେ ପରେ ଦହି ପକେଇ ଦେଇକରି ଜୁଏ ଲିଭେଇ ଦଉନ୍ । ଏଛିନ୍ ତର୍‌କାରି ରେଡ଼ି ।

## ମାଁ ବହେନ୍ ନଜର୍ ଦଉନ୍

☛ କର୍‌ଲାର୍ ପିତା କମାବାର୍ ଲାଗି ଚାହୁଁଛନ୍ ବଏଲେ, ଟିକେ ପାଏନ୍ ଥି ଟିକେ ନୁନ୍ ଦେଇ କରି ସେଥି କର୍‌ଲା କେ ଅଧା ଘଣ୍ଟା ବୁଡ଼େଇ କରି ରଖୁନ୍ । ତାର୍ ଉତ୍‌ରୁ ତାହାକେ ରାନ୍ଧୁନ୍ । ଦେଖିବେ, ପିତା କମିଯିବା ।

☛ ଟିକେ କଁଚା ଥିବାର୍ କଦ୍‌ଲି କେ ଜଲ୍‌ଦି ପଚାବାର୍ ଲାଗି ଚାହୁଁଛନ୍ ବଏଲେ ସେଓ ଆର୍ କଦ୍‌ଲି କେ ପାଶେ ପାଶେ ରଖୁନ୍ । ଦେଖିବେ, କଦ୍‌ଲି ଜଲ୍‌ଦି ପାଚି ଯିବା ।

☛ ଲେସୁନ୍ ଛାଲି ଜଲ୍‌ଦି ଛଡ଼ାବାର୍ ଲାଗି ଚାହୁଁଛନ୍ ବଏଲେ ଲେସୁନ୍ କେ ଟିକେ ନଖି ଉଷୁମ୍ ପାଏନ୍ ଥି ପକେଇ ଦଉନ୍ । ଦେଖିବେ କାମ୍ ସରଲ୍ ହେଇଯିବା ।


☛ ଅଣ୍ଡା ଟିକେ ଫାଟି ଯାଇଥିଲେ ପାଏନ୍ ଥି ଟିକେ ଭିନେଗାର୍ ଦେଇ କରି ଅଣ୍ଡା କେ ସିଝାଲେ, ଅଣ୍ଡାର୍ ପାଏନ୍ ଟା ବାହାରି ନେଇଁ ଆସେ ।

☛ ସଲାଡ଼୍ ବନାଲା ବେଲ୍‌କେ କାଁଚର୍ ବାସନ୍ ଥି ବନଉନ୍ । ଦେଖିବେ ତାର୍ ସୁଆଦ୍ ବନେ ରହେବା ଆର୍ ଦିହିଁର୍ ଲାଗି ବି ସେ ଠିକ୍ ଆଏ ।



## କୋଶଲି ବଖାନି

ନିମାଇଁ ଚରଣ ପାଣିଗ୍ରାହି



☛ ଅଗ ଟା ମିଠା, ମଝି ଟା ଖଟା
ମୂଲ୍ ଟା ବାସେ
ବଖାନି କହେଲେ ଧୁଲିଆ ଦାସେ ।।

**ଗୁରସ : ଦୁହିଲା ବେଲ୍‌କେ ଟିକେ ବଖରାସି (ବାସସି) । ମଝିଟା ଦହି ଆମିଲ (ଖଟା), ଆର ଅଗଟା ଘି ମିଠା ଲାଗସି ।**

☛ ଅମଜି ମଜା
ମୁଜି ନାଇଁ ତାର ଭୁଇଁ ନ ଗଜା ।।

ଛତି : ଛତିର ମୁଁଜି ନାଇଁନ । ଭୁଇଁ ଫୁଟସି ।

☛ ଅପୁଡ଼ା ଦେସର ଭଏଁସି
ସିଁଘେ ଚରା ମାରି ଖାଏସି ।।

କଁକରା : ଅପୁଡ଼ା ଦେସ ହଉଛେ ପାଏନ । ଭଏଁସ ହେଲା କଁକରା । ସିଁଘେ (ଗୁଡ଼େ ଥିବାର ଦାଁତ) ନେ ଖାଏଦ ଖାଏସି ।

☛ ଅରଖ ଚେରେର ପରଖ ପଏଁଖ
କେନ୍ ଚେରେର ତିନ ଟା ଆଏଁଖ ।।


ନଡ଼ିଆ : ନଡ଼ିଆ ଗଛ ଢ଼େଁଗା । ପତର ପଏଁଖ ଲେଖେଁ । ନଡ଼ିଆର ତିନଟା ଆଏଁଖ ।

☛ ଅତାଲ ତାଲ ପାନି
ଖରସି ଚୁତେ ।।

କେଁଛୋ : ପାଏନ ଉପରେ କେଛୋ ଖରସି ଚୁତେ ଲେଖେନ ଦିସସି, ଜେତେ ପାଏନ୍ ଥିଲେ ଭି କେଛୋ ରହି ପାରସି ।

ପେଲେସ ଲାଇନ, ବଲାଙ୍ଗିର







ଋତୁ ବଦଳିଲେ, ପକ୍ଷୀ
ଫେରିଯାଏ
ଚିଲିକାରୁ ସାଇବେରିଆ ।।

**ଆଜିର ସାହିତ୍ୟ ପୃଷ୍ଠାରେ ମନେ ପକେଇବା ସେଇ ଶବ୍ଦ ଓ ତୁଳୀର ନିଖୁଣ କାରିଗର, ମଣିଷ ମନକୁ ଛୁଇଁ ପାରିଥିବା କବି ଓ ଶିଳ୍ପୀଙ୍କୁ.........**

## ✓ଛନ୍ଦାଚରଣ ଆଚାର୍ଯ୍ୟ



ନା’ ଆଗରେ ସମୁଦ୍ର
ନା’ ଚକାଆଖି !
କେହି କୁଆଡ଼େ ନାଇଁ କିଛି
‘ଏକା ଏକା ସମୁଦ୍ର କୂଳରେ’
ମୁଁ କବିତା ପଢୁଛି
ଅଣସର ଘରକଥା
ମନେ ପକଉଛି,
ଚିହ୍ନରା ମାଟିରେ ମେଘ
ଭଉଁରୀ ଖେଳୁଛି ।।




ମୁଁ ସିନା ତୋ’ର ବିଶାଳତା
ମାପି ପାରିନିରେ ଆକାଶ !
ତୁ’ ତ ମତେ ଚିହ୍ନି ଯାଇଥିବୁ !
କିଛି ସ୍ୱପ୍ନ ଜୀଇଁବାର....
କିଛି ସ୍ୱପ୍ନ ହଜିବାର.....
ନେଇ,
ମୁଁ କୁନି ଚଢ଼େଇଟେ ।।





ସ୍ମୃତି ସୋହାଗର ତମାମ୍ ଆୟୁଷ
ପ୍ରୀତି ପଣତରେ ଲେଖା ଇତିହାସ
କିଛି ଶେଷ ଆଉ କିଛି ଅବଶେଷ
ମୃତ୍ୟୁ ମନସ୍କ ଟିକେ ନିଶ୍ୱାସ
ମୁଇଁ,
କୋଉଠୁ ଆସିଛି,
କୁଆଡ଼େ ଯାଉଛି
କାହିଁକି କେମିତି
କିଛି ବୋଲି କିଛି
ଜଣା ନାଇଁ ଜଣା ନାଇଁ
ହାତ ବାଜିଗଲେ,
ଗୋଡ଼ ବାଜିଗଲେ
ମତେ ଦୋଷ ଦେବ ନାଇଁ ।।





ତୁ’ତ ସଦା ଉଡ଼ିବୁଲୁ,
ପକ୍ଷୀ ତୁଇ: ତୁଇ
ତୋ’ ଆଗରେ ଅସୀମ ଆକାଶ,
ମୁଇଁ କିନ୍ତୁ ଅସହାୟ
ସୀମାବଦ୍ଧ ପୃଥିବୀର -
ଗୋଟାଏ ମଣିଷ ।।



ଧୂମିଳ ହୁତାଶ ଶେଷ,
ହେ ମୋର ପ୍ରିୟତମା ମାଟି -
ଟୋପାଏ ସନ୍ତକ ଥାଉ
ବୃଥା କାଇଁ ଥିବ ଅବଶୋଷ,
ଏଇ ଉତ୍ତରାଭିମୁଖୀ ମେଘ ।
ଏଥୁଅନ୍ତେ ନୀରହୀନ...
ଅସଂଖ୍ୟ ବଳାକା
ହେବେ ଆତଯାତ,
ତୃଷ୍ଣା ନିଜେ ତୃପ୍ତି ହେଇ
ଶୂନ୍ୟେ ଥିବ ଶୂନ୍ୟ ଅବିଦିତ
ଏବେ ଉତ୍ତରାଭିମୁଖୀ ମେଘ !!

ଆମେ ପ୍ରାର୍ଥୀ ହେଲେ
ଆପଣାଛାଏଁ ଉଛୁଳେ ପ୍ରାର୍ଥନା,
ବର୍ଷା ବୁଦ୍‌ବୁଦ ଭଳି, ଡବ୍ ଡବ୍
ଧାଉଁଥାଏ ଜୀବନ, ସୁଖରେ-
ଥିବାଯାଏଁ ଦିଶୁଥାଏ,
ହଜିଗଲେ ପଡ଼େ ନାଇଁ ଚିହ୍ନା ।।



# ସବୁବେଳେ ସିଧା ହୋଇ ବସନ୍ତୁ ଓ ସୁସ୍ଥ ରୁହନ୍ତୁ



ଶରୀରର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ଅଙ୍ଗ ଛାତି ଏବଂ ପେଟରେ ଥାଏ । ଏହି ସମସ୍ତ ଅଂଶକୁ ନଟ୍ ବୋଲ୍ଟ ସହିତ ଗୋଟିଏ ସ୍ଥାନରେ ସ୍ଥିର କରାଯାଇ ନାହିଁ । ଏହି ସମସ୍ତ ଅଙ୍ଗଗୁଡ଼ିକ ଖାଲି ଶୃଙ୍ଖଳିତ ଭାବରେ ଝୁଲି ରହିଛି । ଯଦି ମେରୁଦଣ୍ଡକୁ ସିଧା ରଖିବାର ଅଭ୍ୟାସ କରନ୍ତି, ତେବେ ଏହି ଅଙ୍ଗଗୁଡ଼ିକ ସର୍ବାଧିକ ଆରାମ ପାଇପାରିବା ସହିତ ଦେହ ସୁସ୍ଥ ରହିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତବ୍ୟକ୍ତ କରନ୍ତି ।

ଆଧୁନିକ ଚିନ୍ତାଧାରା ଅନୁଯାୟୀ, ବିଶ୍ରାମ ଅର୍ଥ ପଛକୁ ବସିବା କିମ୍ବା ନଇଁବା । କିନ୍ତୁ ଏହି ଉପାୟରେ ବସିବା ଶରୀରର ଅଙ୍ଗ ଉପରେ କେବେ ବି ଉଚିତ ପ୍ରଭାବ ପଡ଼େ ନାହିଁ । ଏହି ପରିସ୍ଥିତିରେ ଶରୀରର ଅଙ୍ଗଗୁଡ଼ିକ ଠିକ୍ ଫୁର୍ତ୍ତି ରହି କାର୍ଯ୍ୟ କରିବାକୁ ସକ୍ଷମ ହୋଇ ପାରନ୍ତି ନାହିଁ ।

ବିଶେଷତଃ ଯେତେବେଳେ ପେଟପୂରା ଖାଦ୍ୟ ଖାଇବା ପରେ ଆରାମ ଚେୟାର ଉପରେ ବସି ପଡ଼ିଥାଉ, ତାହା ହଜମ କ୍ରିୟା ଉପରେ ପ୍ରଭାବ ପକାଇଥାଏ । ଆଜିକାଲି ଅନେକେ ଯାତ୍ରା ସମୟରେ ଏକ ଆରାମଦାୟକ ଚେୟାରରେ ବସି କାରରେ ହଜାର ହଜାର କିଲୋମିଟର ଦୂର ଯାତ୍ରା କରୁଥିବା ବେଳେ ଏହା ବି ଶରୀର ଉପରେ ଠିକ୍ ପ୍ରଭାବ ପକାଏ ନାହିଁ ।

ଏହାଦ୍ୱାରା ହୁଏତଃ ନାଟକୀୟ କ୍ଷତିର ସାମ୍ନା କରିବାକୁ ପଡ଼ିପାରେ ବୋଲି ମଧ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି ।

ଶରୀରକୁ ସିଧା ରଖିବା ଅର୍ଥ ଏହା ନୁହେଁ ଯେ ଆମେ ବିଶ୍ରାମ ପସନ୍ଦ କରୁନାହୁଁ । କିନ୍ତୁ ଏହାର ସରଳ କାରଣ ହେଉଛି ଯେ ଏହାଦ୍ୱାରା ସଠିକ୍ ଆରାମ ମିଳେ ଓ ମେରୁଦଣ୍ଡକୁ ସିଧା ରଖିବା ସମୟରେ ମଧ ଆମେ ଆମର ମାଂସପେଶୀକୁ ଆରାମଦାୟକ ରଖିବାର ଅଭ୍ୟାସ କରିପାରିବ । କିନ୍ତୁ ଅପରପକ୍ଷେ, ଯେତେବେଳେ ଆମେ ଆରାମରେ ବସିବା ନାମରେ ବଙ୍କା ହୋଇ ବସୁ ଏହାଦ୍ୱାରା ମାଂସପେଶୀ ତଥା ମେରୁଦଣ୍ଡ ବଙ୍କା ହୋଇଯାଏ, ଏହାଦ୍ୱାରା ଆମ ଶରୀରର ବିଭିନ୍ନ ଅଂଶକୁ ଆରାମ ଦେବା ବଦଳରେ କଷ୍ଟ ଦେଇଥାଉ ।

# ନିଜକୁ ସୁସ୍ଥ ରଖିବାର ସୁଗମ ଉପାୟ

ସୁସ୍ଥ ରହିବାକୁ ସମସ୍ତଙ୍କ ପସନ୍ଦ, କିନ୍ତୁ ସୁସ୍ଥ ରହିବାକୁ ଉଦ୍ୟମ କରିବା ଦିଗରେ ସମସ୍ତେ ସଚେତନ ରୁହନ୍ତି ନାହିଁ । ଯାହାଫଳରେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ସମୟ ସମୟରେ ଖୁବ୍ ବେଶୀ ସ୍ୱାସ୍ଥ୍ୟ ବିଗିଡ଼ିବା କାରଣରୁ ଅଯଥାରେ ଗୁଡ଼ାଏ କଷ୍ଟ ଉପାର୍ଜିତ ଅର୍ଥ ବି ଖର୍ଚ୍ଚ କରିବାକୁ ପଡ଼ିଥାଏ । ପୁଣି ଶାରୀରିକ କଷ୍ଟ ବି ଭୋଗିବାକୁ ପଡ଼ିଥାଏ । ତେବେ ଆସନ୍ତୁ, ସାମାନ୍ୟ କିଛି ଦିଗ ଉପରେ ନଜର ଦେବା ଏବଂ ନିଜକୁ ସୁସ୍ଥ ରଖିବାର ସୁଗମ ଉପାୟ ହାତେଇ ନେବା ।

୧. ପ୍ରତ୍ୟହ ସକାଳୁ ଉଠୁ ଉଠୁ ଖାଲି ପେଟରେ ତିନି ରୁ ଚାରି ଗ୍ଲାସ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ହିତକାରକ ବୋଲି ୱାଟର ଥେରୋପି ବିଶେଷଜ୍ଞମାନେ ମତ ଦିଅନ୍ତି । ଯଦି ଉଷୁମ ପାଣି ତିନି ଚାରି ଗ୍ଲାସ୍ ନିଆଯାଏ, ତେବେ ଆହୁରି ଭଲ । ଏହା ଦ୍ୱାରା ଶରୀରର ଟକ୍ସିନ୍ ହ୍ରାସ ପାଇବା ସହ ଅନ୍ୟ ଉପକାର ମଧ୍ୟ ମିଳିଥାଏ ।

୨. ପ୍ରତ୍ୟେକ ଦିନ ଅଧ ଘଣ୍ଟାରୁ ୪୫ ମିନିଟ୍ ପର୍ଯ୍ୟନ୍ତ ଖାଲି ପେଟରେ ବ୍ୟାୟାମ କରନ୍ତୁ । ଏହା ଦ୍ୱାରା ସାରା ଦିନ ଫୁର୍ତ୍ତି ଲାଗିବା ସଂଗେ ସଂଗେ ଦେହ ସୁସ୍ଥ ରହିବ ଓ ଚଳଚଂଚଳ ଲାଗିବ ।

୩. ବିଳମ୍ବ ନ କରି ସକାଳର ଜଳଖିଆ ଠିକ୍ ସମୟରେ ନିଅନ୍ତୁ । ଠିକ୍ ସମୟରେ ଜଳଖିଆ ନ ଖାଇବା ଦ୍ୱାରା ବହୁ ପ୍ରକାରର ଉଦର ରୋଗର ସମ୍ମୁଖୀନ ହେବାକୁ ପଡ଼ିଥାଏ ବୋଲି ଚିକିତ୍ସକମାନେ ମତ ଦିଅନ୍ତି ।

୪. ଜଳଖିଆରେ କେବେ ବି ତେଲ ଛଣା ଖାଦ୍ୟ କିମ୍ବା ମସଲା ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ । ଏହାଦ୍ୱାରା ଶରୀରର ଅନେକ କ୍ଷତି ହୋଇଥାଏ । ପ୍ରତ୍ୟହ କିଛି ଫଳ ନିଶ୍ଚୟ ଖାଆନ୍ତୁ ।

୫. କାମ ବାହାନାରେ ଅନିଦ୍ରା ରୁହନ୍ତୁ ନାହିଁ । ଶରୀରକୁ ବିଶ୍ରାମ ଦେବା ନିହାତି ଆବଶ୍ୟକ । ରାତିରେ ଶୀଘ୍ର ଶୋଇ ସକାଳୁ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ । ଏହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ ।



## ଶିଶୁ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗିର, (ନିପ୍ର) : ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିରର ଅଧ୍ୟକ୍ଷ ଶ୍ୟାମସୁନ୍ଦର ଦାଶଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣର ସଚିବ ଦେବାଶିଷ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିଶୁ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣର ସଚିବ ସ୍ୱାଗତ ସମ୍ଭାଷଣ ଦ୍ୱାରା ଆରମ୍ଭ କରିବା ସହ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ଏହାପରେ ଶିଶୁ ମଙ୍ଗଳ ସମିତି ସଦସ୍ୟ ଗୋଦାବରିଶ ରଥ, ଜେଏମ୍ଏଫ୍‌ସି ସୌରଭ ସମ୍ୟ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ଲକ୍ଷ୍ମୀ ସିଂ ଶିଶୁମାନଙ୍କ ଉଦ୍ଦେଶ୍ୟରେ ସଚେତନତା ବାର୍ତ୍ତା ଦେବା ସହ ସେମାନଙ୍କ ଆଇନଗତ ଅଧିକାର ସମ୍ବନ୍ଧରେ ଅବଗତ କରାଇଥିଲେ ।

ଏହାପରେ ଆଦୃତ ଶିଶୁ ଯତ୍ନ ପ୍ରତିଷ୍ଠାନର ଅନ୍ତେବାସୀମାନଙ୍କ ସହ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସଠିକ୍ ଉତ୍ତର ପ୍ରଦାନ କରିଥିବା ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏସ୍‌ଏଲ୍‌ଏଲ୍‌ସିର ସମସ୍ତ ବିଦ୍ୟାର୍ଥୀ, ଶିକ୍ଷକ ଶିକ୍ଷୟତ୍ରୀ, ପିଏଲ୍‌ଭି ଏବଂ ପେନାଲ୍ ଆଇନଜୀବୀମାନେ ଅଂଶଗ୍ରହଣ କରିଥିଲେ ।

## ରାସ୍ତା ମରାମତି ପାଇଁ ଜିଲ୍ଲାପାଳଙ୍କୁ ଗୁହାରୀ କଲେ ଗ୍ରାମବାସୀ

ସଇଁତଲା, (ନିପ୍ର) : ସଂପୃକ୍ତ ବ୍ଲକ୍‌ର ବୁଢ଼ାବାହାଲ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲି ଗାଁର ଗ୍ରାମବାସୀମାନେ ରାସ୍ତା ମରାମତି ପାଇଁ ବଲାଙ୍ଗିର ଜିଲ୍ଲାପାଳଙ୍କଠାରେ ଗୁହାରି କରିଛନ୍ତି । ସେମାନଙ୍କ କହିବା ଅନୁସାରେ ଗାଁରୁ ବୁଢ଼ାବାହାଲ ଗ୍ରା.ପ.କୁ ଯାଉଥିବା ମୁଖ୍ୟ ରାସ୍ତାଟି ଆଜକୁ ପ୍ରାୟ ଅନେକ ବର୍ଷ ହେଲା ଶୋଚନୀୟ ଭାବରେ ପଡ଼ି ରହିଛି । ଯିବା ଆସିବାରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ । ତେବେ ବର୍ଷା ଦିନରେ ଏହି ରାସ୍ତା ମରଣଯନ୍ତା ପାଟଲିଯାଏ । ତେବେ ପୂର୍ବରୁ ସରପଞ୍ଚଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଯାଏଁ ଗୁହାରୀ କରି କରି ଗାଁବାସୀ ନୟାନ୍ତ ହୋଇ ସାରିଥିଲେ ମଧ୍ୟ ତାଙ୍କ ଗୁହାରୀ ଶୁଣି ନାହାନ୍ତି । ତେବେ ବର୍ତ୍ତମାନର ଯୁବ ଜିଲ୍ଲାପାଳ ଗ୍ରାମବାସୀଙ୍କ ଗୁହାରୀ ଶୁଣିବେ ବୋଲି ସେମାନେ ବିଶ୍ୱାସ ରଖିଥିବା ପ୍ରକାଶ କରିଛନ୍ତି ।

## ଡ୍ରାଇଭିଂ ଲାଇସେନ୍ସ ପ୍ରକ୍ରିୟା ଆରମ୍ଭ : ଅଧିକାଂଶ ଆବେଦନକାରୀଙ୍କୁ କମ୍ପ୍ୟୁଟର ବିଦ୍ୟା ଜଣାନାହିଁ

ଭୁବନେଶ୍ୱର, (ନିପ୍ର) : ଖୁସିର କଥା ଯେ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । କିନ୍ତୁ ସବୁଠାରୁ ବଡ଼ କଥା ହେଲା, ଅଧିକାଂଶ ଆବେଦନକାରୀଙ୍କୁ କଂପ୍ୟୁଟର ବିଦ୍ୟା ଜଣାନାହିଁ । ସୂଚନାଯୋଗ୍ୟ ଯେ, କୋଭିଡ୍ କଟକଣା ଯୋଗୁଁ ରାଜ୍ୟରେ ୨ ଲକ୍ଷ ଏଲଏଲ ଟେଷ୍ଟ ଆବେଦନ ଆରଟିଓ ପାଖରେ ପଡି ରହିଥିବା ବେଳେ ଏହି ଆବେଦନକାରୀଙ୍କ ପରୀକ୍ଷା ଆରଟିଓ କାର୍ଯ୍ୟାଳୟଗୁଡିକରେ ଆରମ୍ଭ ହୋଇ ଯାଇଛି । ପ୍ରଥମ ପର୍ଯ୍ୟାୟରେ ୨ ହଜାର ୩୦୦ ଆବେଦନକାରୀ ପରୀକ୍ଷା ଦେଇଥିବା ସୂଚନା ମିଳିଛି । ଏଠାରେ ସବୁଠାରୁ ବିଶେଷ କଥା ଯେ, ଅଧିକାଂଶ ଆବେଦନକାରୀ କମ୍ପ୍ୟୁଟର ସମ୍ପର୍କରେ ପୂରାପୂରି ଅନଭିଜ୍ଞ ଅଟନ୍ତି ।

କିବୋର୍ଡ, ମାଉସ୍ ଠିକ୍‌ରେ ଚଳାଇ ପାରୁନଥିବାରୁ ସେମାନେ କମ୍ପ୍ୟୁଟରରେ ପରୀକ୍ଷା ଦେଇ ନପାରି ଫେଲ୍ ହୋଇଥିବା ଖବର ରହିଛି । ସୂଚନାଯୋଗ୍ୟ ଯେ, ଏହି ପରୀକ୍ଷାରେ ମୋଟ ୨୦ଟି ପ୍ରଶ୍ନ ଆସୁଥିବା ବେଳେ ଆବେଦନକାରୀ ସର୍ବନିମ୍ନ ୧୨ଟି ପ୍ରଶ୍ନର ଉତ୍ତର ଦେଇପାରିଲେ ପରୀକ୍ଷାରେ ପାସ ହେବାର ନିୟମ ଥିବା ବେଳେ କମ୍ପ୍ୟୁଟର ସମ୍ପର୍କରେ ଅଜ୍ଞ ଥିବାରୁ ଅନେକ ଆବେଦନକାରୀ ଫେଲ୍ ହୋଇଛନ୍ତି । ଯେଉଁମାନେ ଫେଲ୍ ହୋଇଛନ୍ତି, ସେମାନେ ପରୀକ୍ଷା ତାରିଖରୁ ୭ ଦିନ ପରେ ପୁନଃ ଏଲଏଲ ପରୀକ୍ଷା ପାଇଁ ଆବେଦନ କରିପାରିବେ ବୋଲି ପରିବହନ କମିସନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି ।

# ଅଲିମ୍ପିକ୍ ଚାମ୍ପିଅନ କିପ୍ଟୁଟୋ ନାବାଳିକା ସହ ଯୌନ ସଂପର୍କ ରଖିବା ଅଭିଯୋଗରେ ଗିରଫ

ନାଇରବି : ଅଲିମ୍ପିକ୍ ଚାମ୍ପିଅନ କିପ୍ଟୁଟୋ ନାବାଳିକା ସହ ଯୌନ ସଂପର୍କ ରଖିବା ଅଭିଯୋଗରେ ଗିରଫ ହୋଇଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ୩୦୦୦ ମିଟର ଷ୍ଟିପଲଚେଜରେ ୨୦୧୬ ରିଓ ଅଲିମ୍ପିକ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ କେନିଆର କନସେସଲୁସ କିପ୍ଟୁଟୋ । ଏକ ନାବାଳିକା ସହ ଯୌନ ସଂପର୍କ ରଖିବା ଅପରାଧରେ ସେ ଏବେ ଗିରଫ ହୋଇଛନ୍ତି । ଗିରଫ ହେବା ପରେ ତାଙ୍କୁ ଜାମିନ ମିଳିଥିବା ବେଳେ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି । ଯଦି କିପ୍ଟୁଟୋ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ତାଙ୍କୁ କେନିଆର ଯୌନ ଅପରାଧ ଆଇନ ଅନୁସାରେ ୨୦ ବର୍ଷ କାରାଦଣ୍ଡ ହୋଇପାରେ ବୋଲି କୁହାଯାଇଛି । ସେ ଜଣେ ୧୫ ବର୍ଷୀୟା ନାବାଳିକାଙ୍କ ସହ ଶାରୀରିକ ସଂପର୍କ ରଖିବା ଅଭିଯୋଗ ଆସିଥିଲା ଆସିଥିବା ବେଳେ ଗିରଫ୍ ହୋଇଛନ୍ତି । ଏଠାରେ ଆହୁରି ସୂଚନାଯୋଗ୍ୟ ଯେ, ନିଜେ କିପ୍ଟୁଟୋ ମଧ୍ୟ ପୁଲିସ ବିଭାଗରେ ଚାକିରି କରିଛନ୍ତି । କିପ୍ଟୁଟୋଙ୍କ ନାମରେ ହୋଇଥିବା ଚାର୍ଜସିଟ୍ ଅନୁସାରେ ସେ ଗତ ଅକ୍ଟୋବର ମାସ ୨୦ ଓ ୨୧ ତାରିଖ ଦିନ ନାବାଳିକାଙ୍କ ସହ ଶାରୀରିକ ସଂପର୍କ ରଖିଥିଲେ । ତେବେ ଅଭିଯୋଗ ହେବା ପରେ ଗତ ୧୧ ତାରିଖରେ ସେ ଗିରଫ ହୋଇଥିଲେ ।

# କରୋନା ମହାମାରୀକୁ ରୋକିବାରେ ପର୍ଯ୍ୟାପ୍ତ ନୁହେଁ ଭାକସିନ୍ : ଡବ୍ଲ୍ୟୁଏଚ୍‌ଓ

ଜେନେଭା : କରୋନା ପାଇଁ ପ୍ରଭାବୀ ସଞ୍ଜିବନୀ ଟୀକା ଆସିବା ପରେ ଯେ କରୋନା ଚିତ୍ର ବଦଳିଯିବ ଏବଂ ସ୍ଥିତି ସ୍ୱାଭାବିକ ହୋଇଯିବ, ତାହା ଭାବିବା ଭୁଲ । ବରଂ କରୋନା ବିରୋଧୀ ଲଢ଼େଇ ଏମିତି ଜାରି ରହିବ । ସଂକ୍ରମଣକୁ ରୋକିବା ପାଇଁ ଟୀକା ଯଥେଷ୍ଟ ହେବନାହିଁ । କରୋନା ସଂକ୍ରମଣକୁ ମାତ୍ ଦେବା ପାଇଁ କେତେକ ଟୀକା ଅତ୍ୟନ୍ତ ପ୍ରଭାବୀ ହୋଇଥିବା ନେଇ ଏବେ ଦାବୀ ଜୋର ଧରିଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏଭଳି ଚେତାବନୀ ଦେଇଛି ।

ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ କେହିଛନ୍ତି, କୋଭିଡ-୧୯ ସଂକ୍ରମଣର ମୁକାବିଲା ପାଇଁ ଏବେ ଯେଉଁସବୁ ସାଧନ କାମ କରୁଛି, ସେଥିରେ ଟୀକା କେବଳ ଏକ ଅଂଶ ହେବ । ଟୀକା ଏକାକୀ ମହାମାରୀକୁ ମାତ୍ ଦେବାକୁ ସମର୍ଥ ହେବନାହିଁ । ଟୀକା ଆସିବା ପରେ ମଧ ଲୋକଙ୍କୁ ଆକ୍ରାନ୍ତ କରିବା ଲାଗି କରୋନା ଭୂତାଣୁ ପାଇଁ ସୁଯୋଗ ରହିବ । ତେଣୁ ବର୍ତ୍ତମାନ ଭଳି ନମୁନା ପରୀକ୍ଷଣ ଜାରି ରହିବ । ସଙ୍ଗରୋଧ, କଣ୍ଟାକ୍ଟ ଟ୍ରେସିଙ୍ଗ୍ ମଧ ଅନୁରୂପ ଚାଲିବ । କରୋନାଠାରୁ ନିଜକୁ ସୁରକ୍ଷିତ ରଖିବା ଲାଗି ବିଶ୍ୱବାସୀ ଏବେ ଯେଉଁଭଳି ସଜାଗ ରହୁଛନ୍ତି, ତାହା ଜାରି ରଖିବା ହିଁ ସାର ହେବ ।

ସେ ଆହୁରି କହିଛନ୍ତି, ପ୍ରଭାବୀ କରୋନା ଟୀକା ଆସିବା ପରେ ଏହାର ଯୋଗାଣ ସୀମିତ କରାଯିବ । ପ୍ରାଥମିକ ଭାବେ ସ୍ୱାସ୍ଥ୍ୟକର୍ମୀ, ବରିଷ୍ଠ ନାଗରିକ ଏବଂ ଅନ୍ୟ ଦୁରାରୋଗରେ ପୀଡିତ ଲୋକଙ୍କୁ ଏହା ମିଳିବ । ଏହାଦ୍ୱାରା କରୋନା ମୃତ୍ୟୁ ସଂଖ୍ୟା ହ୍ରାସ କରାଯାଇ ପାରିବ । ଅନ୍ୟମାନଙ୍କୁ ଟୀକା ମିଳିବାରେ ଆହୁରି ଅନେକ ସମୟ ଲାଗିଯିବ । ଡବ୍ଲ୍ୟୁଏଚ୍‌ଓ ମୁଖ୍ୟଙ୍କ ଏହି ବୟାନ ଏଭଳି ସମୟରେ ଆସିଛି, ଯେତେବେଳେ କି ଫାଇଜର ଓ ମଡେର୍ଣ୍ଣା ଭଳି କେତେକ ଔଷଧ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଟୀକା ୯୦%ରୁ ଅଧିକ ପ୍ରଭାବୀ ବୋଲି ଦାବୀ ଉଠିଛି । ନିକଟରେ ଆମେରିକାର ଫାର୍ମା କମ୍ପାନୀ ଫାଇଜର ଘୋଷଣା କରିଥିଲା ଯେ, ଏହା ଦ୍ୱାରା ପ୍ରସ୍ତୁତ ଟୀକା କରୋନା ଉପରେ ୯୦% ପ୍ରଭାବୀ । ଏବେ ମଡେର୍ଣ୍ଣା ଟୀକା ୯୪.୫% ପ୍ରଭାବୀ ବୋଲି ସଂପୃକ୍ତ କମ୍ପାନୀ ସୋମବାର ଘୋଷଣା କରିଛି । ଏହା ପୂର୍ବରୁ ସ୍ପୁଟନିକ୍-୫ କରୋନା ଟୀକା ୯୨% ସଫଳ ହୋଇଥିବା ନେଇ ରୁଷ ଘୋଷଣା କରିଥିଲା ।

ଆମେରିକାରେ ଏବେ ଫାଇଜର ଏବଂ ମଡେର୍ଣ୍ଣା ଟୀକାର ଅନ୍ତିମ ପର୍ଯ୍ୟାୟ ପରୀକ୍ଷା ଶେଷ ସୋପାନରେ ପହଂଚିଛି । ସମ୍ଭବତଃ ଡିସେମ୍ବର ଶେଷ ସୁଦ୍ଧା ଫାଇଜର ଟୀକା ବ୍ୟବହାର ପାଇଁ ଉପଲବ୍ଧ ହେବ । ଏମ୍‌ଆର୍‌ଏନ୍‌ଏ ଟେକ୍ନୋଲୋଜିରେ ତିଆରି ଏହି ଟୀକାକୁ ହାସଲ କରିବା ଏବଂ ଏହାକୁ ସୁରକ୍ଷିତ ଭାବେ ପରିବହନ କରିବା ଅତ୍ୟନ୍ତ ବ୍ୟୟ ସାପେକ୍ଷ ହେବାକୁ ଥିବାରୁ କେବଳ ଧନୀ ରାଷ୍ଟ୍ରଗୁଡ଼ିକ ଏହାକୁ ପାଇବାକୁ ସମର୍ଥ ହୋଇପାରନ୍ତି । ଟୀକା ୫୦% ପ୍ରଭାବୀ, ହେଲେ ଏହାକୁ କରୋନା ସଂକ୍ରମଣ ପ୍ରତିକାର ପାଇଁ ବ୍ୟବହାର କରାଯାଇ ପାରିବ ବୋଲି ଆମେରିକାର ଫୁଡ୍ ଆଣ୍ଡ୍ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେସନ(ଏଫ୍‌ଡିଏ) ସ୍ପଷ୍ଟ କରିସାରିଛି । ତେଣୁ ମଡେର୍ଣ୍ଣା ଏବଂ ଫାଇଜର ଟୀକା ଏଫ୍‌ଡିଏ ଅନୁମୋଦନ ପାଇଁ ଶୀଘ୍ର ବଜାରକୁ ଆସିବ ବୋଲି ଆଶା କରାଯାଉଛି ।

ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍‌ସ ଅଫ୍ ହେଲ୍‌ଥର ନିର୍ଦ୍ଦେଶକ ଡ. ଆନ୍ଥୋନି ଏସ୍. ଫସି ଏକ ସାକ୍ଷାତକାରରେ କହିଛନ୍ତି, କୌଣସି କରୋନା ଟୀକା ୭୫% ପ୍ରଭାବୀ ହେଲେ ଏଥିରେ ମୁଁ ସନ୍ତୁଷ୍ଟ ହେବି ବୋଲି କହି ଆସୁଥିଲି । କିନ୍ତୁ ଟୀକା ୯୦% ବା ୯୫% ପ୍ରଭାବୀ ସାବ୍ୟସ୍ତ ହେଉଥିବା ଜାଣିବା ପରେ ମୁଁ ବେଶ୍ ଖୁସି । ମଡେର୍ଣ୍ଣା ଟୀକା ୯୪.୫% ସଫଳ ହେବା ନିଶ୍ଚିତ ଖୁସିର ବିଷୟ । ଅନ୍ୟପକ୍ଷରେ ଟୀକାଗୁଡିକ ଉଭୟ ସ୍ୱଳ୍ପ ବୟସ୍କ ଏବଂ ବୃଦ୍ଧ ଲୋକଙ୍କଠାରେ ସୁରକ୍ଷିତ ହେଉଛି କି ନାହିଁ, ତାହା ଯାଞ୍ଚ କରାଯିବା ଜରୁରୀ ବୋଲି ବିଶେଷଜ୍ଞମାନେ ଦର୍ଶାଇଛନ୍ତି । ଡବ୍ଲ୍ୟୁଏଚ୍‌ଓ ମୁଖ୍ୟଙ୍କ ଏହି ମନ୍ତବ୍ୟ ସାରା ବିଶ୍ୱବାସୀଙ୍କୁ ଅବଶ୍ୟ ଚିନ୍ତାରେ ପକାଇ ଦେଇଛି ।

# ଡୋନାଲ୍ଡ ଟ୍ରମ୍ପ ଇରାନର ଆଣବିକ ଠିକଣାକୁ ଧ୍ୱଂସ କରିବାକୁ ଚାହୁଁଥିଲେ



ୱାଶିଂଟନ୍ : ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଆଣବିକ ଠିକଣା ଉପରେ ଆକ୍ରମଣ କରିବାକୁ ଚାହୁଁଥିଲେ । ଇରାନର ମୁଖ୍ୟ ଆଣବିକ କେନ୍ଦ୍ରକୁ ଟ୍ରମ୍ପ ଟାର୍ଗେଟ କରିଥିଲା । ତେବେ ଉପରାଷ୍ଟ୍ରପତି ମାଇକ ପେନ୍ସ, ପ୍ରତିରକ୍ଷା ମନ୍ତ୍ରୀ ଖ୍ରୀଷ୍ଟୋଫର ମିଲର ଏବଂ ଯୁଗ୍ମ ଷ୍ଟାଫ୍ ମାର୍କ ମିଲିଙ୍କ ଚେତାବନୀ ପରେ ଆମେରିକାର ରାଷ୍ଟ୍ରପତିଙ୍କୁ ପଛକୁ ଫେରିବାକୁ ପଡଥିଲା ବୋଲି କୁହାଯାଇଛି ।

ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁଯାୟୀ ଗତ ସପ୍ତାହରେ ଓଭାଲ କାର୍ଯ୍ୟାଳୟରେ ଆୟୋଜିତ ଏକ ବୈଠକରେ ଟ୍ରମ୍ପ ଇରାନର ଆଣବିକ ଭିତ୍ତିଭୂମି ନଷ୍ଟ କରିବାକୁ ସୁଯୋଗ ଖୋଜୁଥିଲେ । ଏହି ସମୟ ମଧ୍ୟରେ ଟ୍ରମ୍ପଙ୍କ ପରାମର୍ଶଦାତାମାନେ ଏହି ବିପର୍ଯ୍ୟସ୍ତ ପଦକ୍ଷେପ ନ ନେବାକୁ ପରାମର୍ଶ ଦେଇଥିଲେ ।

ଉପଦେଷ୍ଟା ରାଷ୍ଟ୍ରପତିଙ୍କୁ କହିଥିଲେ ଯେ, ଏହି ଆକ୍ରମଣ ବଡ ଧରଣର ବିବାଦ ସୃଷ୍ଟି କରିପାରେ । ଅଧିକାରୀ କହିଛନ୍ତି, ବିକଳ୍ପଗୁଡ଼ିକ ବିଷୟରେ ରାଷ୍ଟ୍ରପତି ଟ୍ରମ୍ପ ପଚାରିଥିଲେ ।

ଏହାର ପରିଣାମ ବିଷୟରେ ପରାମର୍ଶଦାତା ତାଙ୍କୁ ସୂଚନା ଦେଇଥିଲେ ଏବଂ ଶେଷରେ ଇରାନ ଉପରେ ଆକ୍ରମଣ ନକରିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଜଣାପଡ଼ିଛି ।

# ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ସରକାର ସାମ୍ବାଦିକମାନଙ୍କୁ ଆର୍ଥିକ ସୁରକ୍ଷାର ଘୋଷଣା କରନ୍ତୁ

ବଲାଙ୍ଗିର,(ନିପ୍ର) : କରୋନା ମହାମାରୀ ଯୋଗୁଁ ଆର୍ଥିକ ଅସୁରକ୍ଷା ଦେଖାଦେଇଛି । ବିଭିନ୍ନ ବର୍ଗର ଲୋକେ ଆର୍ଥିକ ଅନଟନରେ ରହୁଛନ୍ତି । ଆଗଧାଡିର କରୋନା ଯୋଦ୍ଧା ଭାବେ ସାମ୍ବାଦିକ କାର୍ଯ୍ୟ କରୁଥିଲେ ମଧ୍ୟ ଏହି ସମୟରେ ସବୁଠୁ ବେଶି ଆର୍ଥିକ ଜରୁରୀକାଳୀନ ପରିସ୍ଥିତିର ସମ୍ମୁଖୀନ ହୋଇଛି । ଏଭଳି ସମୟରେ ରାଜ୍ୟ ସରକାର ବା କୌଣସି ବେସରକାରୀ ସଙ୍ଗଠନ ଗଣମାଧ୍ୟମମାନଙ୍କ ପ୍ରତିନିଧିମାନଙ୍କ ପ୍ରତି ସମ୍ବେଦନଶୀଳ ଦେଖାଇ ନାହାନ୍ତି । ତଥାପି ସାମ୍ବାଦିକମାନେ ଦିନରାତି କରୋନା ମହାମାରୀକୁ ଭୃକ୍ଷେପ ନକରି ନିଜର କର୍ତ୍ତବ୍ୟ ସମ୍ପାଦନ କରିଆସୁଛନ୍ତି । ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ସାମ୍ବାଦିକମାନଙ୍କ ଆର୍ଥିକ ସୁରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ଜାତୀୟ ପ୍ରେସ ଦିବସରେ ମତପ୍ରକାଶ ପାଇଛି ।

ବଲାଙ୍ଗିର ଜିଲା ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସଂଘର ସମ୍ମିଳନୀ କକ୍ଷ ଠାରେ ସଂଘର ସଭାପତି ହରିନାରାୟଣ ପୂଜାରୀଙ୍କ ଅଧ୍ୟକ୍ଷତାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ସାଂପ୍ରତିକ କରୋନା ପରିସ୍ଥିତିରେ ସାମାଜିକତା ଦୂରତା ରକ୍ଷା କରି ଜାତୀୟ ପ୍ରେସ ଦିବସକୁ ନିଡାମ୍ବର ଭାବେ ପାଳନ କରାଯାଇଛି । ସଂଘର ସାଧାରଣ ସମ୍ପାଦକ ବଳରାମ ମିଶ୍ରଙ୍କ ସ୍ୱାଗତ ଭାଷଣ ଦେଇଥିଲେ । ସଂଘର ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ଉପଦେଷ୍ଟା ସତ୍ୟ ନାରାୟଣ ବେହେରା, ଗୋପବନ୍ଧୁ ଶତପଥୀ, ନବୀନ କୁମାର ପଶାୟତ, ସମ୍ପାଦକ ରଂଜିତ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ । ବରିଷ୍ଠ ସାମ୍ବାଦିକ ଶ୍ରୀ ବେହେରା , ଗୋପବନ୍ଧୁ ଶତପଥୀ,ସୁଧିର କୁମାର ମିଶ୍ର, ବିରେନ୍ଦ୍ର କୁମାର ଝାଙ୍କର, କୁନା ବାଗ, ବିଭୁ କଲ୍ୟାଣ ଗଡତ୍ୟା, ପ୍ରଶାନ୍ତ ମହାକୁର ପ୍ରମୁଖ ଜାତୀୟ ସାମ୍ବାଦିକତା ଦିବସ ଅବସରରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । କୋଭିଡ ମହାମାରୀ ସମୟରେ ବଲାଙ୍ଗିର ଜିଲା ସାମ୍ବାଦିକ ସଂଘ, ସଂଘର ସମସ୍ତ ସଦସ୍ୟ, ସାମ୍ବାଦିକ ଓ ଖବର କାଗଜ ହକର ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ରାଜ୍ୟରେ ନୂଆ ଉଦାହରଣ ପ୍ରତିଷ୍ଠା କରିଥିବାରୁ ସମସ୍ତେ ସାଧୁବାଦ ଜଣାଇଥିଲେ ।

ସାମ୍ବାଦିକମାନେ ସମାଜକୁ ସୁଧାର ଆଣିବା ପାଇଁ ବିଭିନ୍ନ ଦିଗରେ କାର୍ଯ୍ୟ କରୁଛନ୍ତି । କିନ୍ତୁ ସାମ୍ବାଦିମାନଙ୍କ ପ୍ରତି ସରକାର ଉଚିତ୍ ଧ୍ୟାନ ଦେଉନଥିବାରୁ ବକ୍ତାମାନେ କ୍ଷୋଭ ପ୍ରକାଶ କରିଥିଲେ । ରାଜ୍ୟରେ କବି, ସାହିତ୍ୟିକ, ଚିତ୍ରକରମାନଙ୍କ ପାଇଁ ଏକାଡେମୀ ଗଠନ ହୋଇଥିବା ବେଳେ ସାମ୍ବାଦିକମାନଙ୍କ ପାଇଁ ପ୍ରେସ ଏକାଡେମୀ ଗଠନ କରିବାକୁ ବଲାଙ୍ଗିର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଦୃଢ ଦାବି ହୋଇଛି । ଏ ଦିଗରେ ସମସ୍ତ ସମ୍ବାଦପତ୍ରର ସମ୍ପାଦକ, ରାଜ୍ୟସ୍ତରୀୟ ସଂଘର କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କ ନିକଟରେ ପ୍ରେସ ଏକାଡେମୀ ଦାବି ଉପସ୍ଥାପନ ପାଇଁ ସଂଘ ଅନୁରୋଧ କରିଛି । କୋଭିଡ-୧୯ ସମୟରେ ପଶ୍ଚିମ ଓଡିଶାର ବରିଷ୍ଠ ବୟୋଜ୍ୟେଷ୍ଠ ସାମ୍ବାଦିକ ଭାଗବତ ପ୍ରସାଦ ନନ୍ଦ, ଅଭୟ କୁମାର ପାଢୀ, ତ୍ରିବିକ୍ରମ ତ୍ରିପାଠୀ ଓ ମହାମାରୀ କରୋନା ସମୟରେ କାର୍ଯ୍ୟରତ ସାମ୍ବାଦିକ ରାଜ୍ୟର ମୃତ୍ୟୁବରଣ କରିଥିବା ସାମ୍ବାଦିକ ବନ୍ଧୁମାନଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

# ଦାବୀ ଦିବସ ପାଳନ କଲା ଅଲ୍ ଓଡିଶା ଇପିଏଫ୍ ପେନ୍‌ସନ୍‌ରର୍ସ ଏସୋସିଏସନ

ବଲାଙ୍ଗିର, (ନିପ୍ର) : ଆଜି ଅଲ୍ ଓଡିଶା ପେନ୍‌ସନ୍‌ରର୍ସ ଏସୋସିଏସନ୍‌ର ସଭ୍ୟମାନେ ସ୍ଥାନୀୟ ମୁଖ୍ୟ ଡାକଘର ସାମନାରେ ଏକଜୁଟ ହୋଇ ନଭେମ୍ବର ୧୬କୁ ଦାବୀ ଦିବସ ରୂପେ ପାଳନ କରିଛି । କେନ୍ଦ୍ର ସରକାରଙ୍କ ଇପିଏଫ-୯୫ ଯୋଜନାକୁ ଏ ଭିତରେ ୨୫ବର୍ଷ ପୂରିଛି । କିନ୍ତୁ ବାରମ୍ବାର ଆନ୍ଦୋଳନ ଓ ପ୍ରଚେଷ୍ଟା ସୁଦ୍ଧା ରାଜ୍ୟରେ ଥିବା ୧.୬୨ ଲକ୍ଷ ସମେତ ଦେଶ ସାରା ପ୍ରାୟ ୬୬ ଲକ୍ଷ ଇପିଏଫ ଭୋଗି ଏ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷାରୁ ବଞ୍ଚିତ ହୋଇ ରହିଥିବା ବେଳେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ୨୦୧୪ରୁ ପାତର ଅନ୍ତରର ଶିକାର କରଯିବା ସହ ଏମାନଙ୍କୁ ବିନା ମହଙ୍ଗା ଭତ୍ତାରେ କେବଳ ମାସିକ ୧ହଜାର ଟଙ୍କା ଦିଆ ଯାଉଛି । ଫଳରେ ସ୍ୱଳ୍ପ ପେନସନ୍ ଓ ଅର୍ଥାଭାବରୁ ବୃଦ୍ଧ ତଥା ବରିଷ୍ଠ ପେନସନଭୋଗୀମାନେ ଆବଶୟକୀୟ ଖାଦ୍ୟ ତଥା ଔଷଧରୁ ବଞ୍ଚିତ ହେବା ସହ ଆବଶ୍ୟକୀୟ ଚିକିତ୍ସା ମଧ୍ୟ ପାଇ ପାରୁ ନାହାନ୍ତି । ଏଣୁ ସମସ୍ତ ପେନସନଭୋଗୀଙ୍କୁ ମାସିକ ଅନ୍ତତଃ ୯ହଜାର ଟଙ୍କା ପ୍ରଦାନ କରିବା ସହ ଆୟୁଷ୍ମାନ ଯୋଜନାରେ ସାମିଲ କରାଯାଇ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ଦାବୀ କରିଛି ଏସୋସିଏସନ୍ । ତେବେ ଇପିଏଫ୍ ପେନ୍‌ସନ୍ ଯୋଜନାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜିର ଦାବୀ ଦିବସକୁ ସଫଳ କରି ଇପିଏଫ୍‌ଭୋଗୀଙ୍କ ଦୀର୍ଘ ଦିନର ଦାବୀ ପୁରଣ କରିବା ଦିଗରେ ଏସୋସିଏସନ୍ ସମସ୍ତଙ୍କ ସହେଯାଗ କାମନା କରିଛି । ପ୍ରକାଶ ଯେଗ୍ୟ ଯେ, କେନ୍ଦ୍ର ସରକାର ତଥା ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ୨୦୧୬ ମସିହା ଜାନୁଆରୀ ମାସଠାରୁ ମାସିକ ସର୍ବନିମ୍ନ ୯ହଜାର ଟଙ୍କା ମାସିକ ପେନସନ ସହ ମହଙ୍ଗା ଭତ୍ତା ପ୍ରଦାନ କାରଯାଉଛି । କିନ୍ତୁ ବିଡମ୍ବନାର ବିଷୟ ଯେ, ୧୬ ନଭେମ୍ବର ୧୯୯୫ରେ କେନ୍ଦ୍ର ସରକାର ଇପିଏଫ-୯୫ ଯୋଜନା ପ୍ରଚଳନ କରିଥିବା ବେଳେ ପେନସନଭୋଗୀଙ୍କୁ ବିନା ମହଙ୍ଗା ଭତ୍ତାରେ ମାସିକ ମାତ୍ର ୧ହଜାର ଟଙ୍କା ପ୍ରଦାନ କାରାଯାଉଛି । ଯଦ୍ୱାରା ଇପିଏଫ ପେନସନଭୋଗୀମାନେ ଏ ବିଷୟରେ ସୁପ୍ରିମ କୋର୍ଟର ଆଶ୍ରା ନେଇଥିଲେ । ଏହି ମାମଲାର ଶୁଣାଣି କରି ମାନ୍ୟବର ସୁପ୍ରିମ କୋର୍ଟ ଅକ୍ଟୋବର ୨୦୧୬ରେ ଇପିଏଫ୍ ପେନ୍‌ସନ୍‌ଭୋଗୀମାନଙ୍କୁ ସେମାନଙ୍କ ଶେଷ ଦରମା ମୁତାବକ ବର୍ଦ୍ଧିତ ପେନସନ୍ ଦେବା ପାଇଁ ଆଦେଶ କରିଥିଲେ । କିନ୍ତୁ କେବଳ କେରଳ ସମେତ କିଛି ରାଜ୍ୟ ସରକାର ଏହାକୁ ଲାଗୁ କରିଥିଲେ ମଧ୍ୟ ଓଡିଶା ସମେତ ଅନ୍ୟ କିଛି ରାଜ୍ୟରେ ଥିବା ଇପିଏଫ୍ ର ଆଂଚଳିକ କର୍ତ୍ତୃପକ୍ଷ ଏଯାବତ ଏହି ଆଦେଶକୁ କାର୍ଯ୍ୟକାରୀ କରୁ ନଥିବା ପେନ୍‌ସନରର୍ସ ଏସୋସିଏସନ କ୍ଷୋଭ ପ୍ରକାଶ କରିଛି ।

# ଏବେ ରାଜ୍ୟର ୧୫ଟି ବିଇଡି କଲେଜ ଉଚ୍ଚଶିକ୍ଷା ବିଭାଗ ଅଧୀନକୁ ଆସିବ

ଭୁବନେଶ୍ୱର : ରାଜ୍ୟରେ ବିଇଡି ଓ ଏମଇଡି ପାଠ୍ୟକ୍ରମ ପ୍ରଦାନ କରୁଥିବା ୧୫ଟି ଶିକ୍ଷକ ପ୍ରଶିକ୍ଷଣ ଶିକ୍ଷାନୁଷ୍ଠାନର ବିଭାଗ ବଦଳିବ । ଏବେ ଏହି ଶିକ୍ଷାନୁଷ୍ଠାନଗୁଡିକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବେଳେ ୨୦୨୧ ଜୁନ୍ ୧ ତାରିଖରୁ ଉଚ୍ଚଶିକ୍ଷା ବିଭାଗ ଅଧୀନକୁ ଯିବ । ଏ ସଂପର୍କରେ ଅକ୍ଟୋବର ୨୨ ତାରିଖରେ ଏକ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏହି ବୈଠକରେ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ ମିଶ୍ର ଅଧକ୍ଷତା କରିଥିବା ବେଳେ ଏସ୍‌ସିଇଆରଟିର ନିର୍ଦ୍ଦେଶକ ଗଙ୍ଗାଧର ସାହୁଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ । ଏହି ବୈଠକରେ ବିଭିନ୍ନ ଆଲୋଚ଼ନା ପରେ ଚୂଡାନ୍ତ ନିଷ୍ପତ୍ତି ହୋଇଥିଲା । ସେହି ଅନୁସାରେ ଜୁନ୍‌ରୁ ଶିକ୍ଷକ ପ୍ରଶିକ୍ଷଣ ଶିକ୍ଷାନୁଷ୍ଠାନର ବିଭାଗ ବଦଳିବା ନେଇ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରକାଶ କରିବ ।

ମିଳିଥିବା ସୂଚନା ଅନୁସାରେ ଶିକ୍ଷକ ପ୍ରଶିକ୍ଷଣ ଶିକ୍ଷାନୁଷ୍ଠାନଗୁଡିକୁ ନିକଟରେ ଥିବା ଡିଗ୍ରୀ କଲେଜ ସହ ମିଶ୍ରଣ କରାଯିବ । ଏବେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ଡିଗ୍ରୀ କଲେଜଗୁଡିକରେ ସେଲ୍ଫ ଫାଇନାନ୍ସ ମୋଡ୍‌ରେ ଦିଆଯାଉଥିବା ବିଇଡି ଓ ଏମଇଡି କୋର୍ସକୁ ବନ୍ଦ କରାଯିବ । ଏହି ୧୫ଟି ଶିକ୍ଷକ ପ୍ରଶିକ୍ଷଣ ଶିକ୍ଷାନୁଷ୍ଠାନଗୁଡିକ ଚଳାଇବା ପାଇଁ ବିଭାଗ ପକ୍ଷରୁ ବଜେଟ୍‌ରେ ବ୍ୟବସ୍ଥା କରାଯିବ । ଯାହା ୨୦୨୧-୨୨ରୁ ଗଣଶିକ୍ଷା ବିଭାଗ ଅଧୀନରୁ ଉଚ୍ଚଶିକ୍ଷା ବଜେଟରେ ମିଶିବ ବୋଲି ସୂଚନାରେ କୁହାଯାଇଛି ।

# ଜାଣନ୍ତୁ, କେନ୍ଦ୍ରୀୟ କର୍ମଚାରୀମାନେ କେବେ ଠୁ ପାଇବେ ମହଙ୍ଗା ଭତ୍ତା

ନୂଆଦିଲ୍ଲୀ : କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ଏକ ବଡ ଖବର ରହିଛି । କରୋନା ବିପର୍ଯ୍ୟୟ ହେତୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ଯେ ଚଳିତ ବର୍ଷ କର୍ମଚାରୀ ଏବଂ ପେନସନଭୋଗୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି ହେବନାହିଁ । ଡିଏନ୍‌ଏରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ସରକାର ସୂଚାଇ ଦେଇଛନ୍ତି ଯେ ଆସନ୍ତା ବର୍ଷ ଜୁଲାଇରେ କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି କରିବାକୁ ଚିନ୍ତା କରିପାରନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ପ୍ରାୟ ୫୦ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୧ ଲକ୍ଷ ପେନସନଭୋଗୀଙ୍କୁ ପ୍ରଭାବିତ କରିବ । କରୋନା ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ସରକାର ଜୁଲାଇ ୨୦୨୧ ସୁଦ୍ଧା କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା ବୃଦ୍ଧିକୁ ସ୍ଥଗିତ ରଖିଛନ୍ତି । ଏହାର ନିର୍ଦ୍ଦେଶରେ ଅର୍ଥ ମନ୍ତ୍ରଣାଳୟ କହିଛି ଯେ ସରକାର ନିଷ୍ପତ୍ତି ନେଇଛନ୍ତି ଯେ ଜାନୁୟାରୀ ୧, ୨୦୨୦ ଠାରୁ କେନ୍ଦ୍ର ସରକାରୀ ପେନସନଭୋଗୀଙ୍କୁ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଅତିରିକ୍ତ ଭତ୍ତା ଏବଂ ମହଙ୍ଗା ରିଲିଫ ପ୍ରଦାନ କରାଯିବ ନାହିଁ ।

ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଖର୍ଚ୍ଚ ବିଭାଗ କହିଛି ଯେ ଜୁଲାଇ ୧, ୨୦୨୦ ଏବଂ ଜାନୁୟାରୀ ୧, ୨୦୨୧ରୁ ଡିଏ ଇନକ୍ରିମେଣ୍ଟ ଏବଂ ଅତିରିକ୍ତ କିସ୍ତି ପ୍ରଦାନ କରାଯିବ ନାହିଁ । ବାସ୍ତବରେ, କରୋନୋ ଭାଇରସ୍ ସଂକ୍ରମଣଜନିତ ଲକ୍ ଡାଉନ୍ ଯୋଗୁଁ ସରକାରଙ୍କ ଟିକସ ସଂଗ୍ରହ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଯଦିଓ ଖର୍ଚ୍ଚ ବଢ଼ିଛି, ଦେଶ କମ୍ ରୋଜଗାର କରିଛି ।

## ବିହାରରେ ଦୁଇ ଉପମୁଖ୍ୟମନ୍ତ୍ରୀ : ତାରକିଶୋର ପ୍ରସାଦ ଓ ରେଣୁ ଦେବୀ

ପାଟନା : ବିହାର ଉପମୁଖ୍ୟମନ୍ତ୍ରୀ ପଦକୁ ନେଇ ଲାଗି ରହିଥିବା କଳ୍ପନା ଜଳ୍ପନାର ଅବସାନ ଘଟିଥିବା ବେଳେ ଏଥର ବିହାରରେ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀ ରହିବା ନେଇ ସ୍ପଷ୍ଟ ହୋଇଛି ରାଜନୀତି ଦୃଶ୍ୟପଟ । ବିଜେପି ବିଧାୟକ ଦଳ ନେତା ତାରକିଶୋର ପ୍ରସାଦ ଏବଂ ବିଜେପି ବିଧାୟକ ଦଳର ଉପନେତା ରେଣୁ ଦେବୀ ଉପମୁଖ୍ୟମନ୍ତ୍ରୀ ହେବେ ବୋଲି ତାରକିଶୋର ପ୍ରସାଦ ନିଜେ ସ୍ପଷ୍ଟ କରିଛନ୍ତି । ଏନେଇ ଉପରୋକ୍ତ ନିଷ୍ପତ୍ତି ଉପରେ ମୋହର ଲାଗି ସାରିଥିବା କୁହାଯାଇଛି । ଆଜି ଅପରାହ୍ଣରେ ଅନୁଷ୍ଠିତ ହେବାକୁ ଥିବା ଶପଥ ଗ୍ରହଣ ସମାରୋହରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ବିଜେପିର ରାଷ୍ଟ୍ରୀୟ ଅଧକ୍ଷ ଜେ.ପି ନଡ୍ଡା ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନାରେ କୁହାଯାଇଛି ।

# ଜାପାନୀ ରାଜକୁମାରୀ ଗାଢ଼ ପ୍ରେମରେ ଥାଇ ବି ବିବାହ କରିବାକୁ ଅସମର୍ଥ

ଟୋକିଓ : ଜାପାନର ଖୁବ୍ ସୁନ୍ଦର ରାଜକୁମାରୀ ମାକୋ ପୁଣି ଥରେ ତାଙ୍କ ବିବାହ ଯୋଜନାକୁ ସ୍ଥଗିତ ରଖିଛନ୍ତ । ଏହାପୂର୍ବରୁ ୨୦୧୭ ମସିହାରେ ରାଜକୁମାରୀ ମାକୋ(୨୮) ବିବାହ ଯୋଜନା କରିଥିଲେ । କିନ୍ତୁ ସେମାନଙ୍କୁ ସେମାନଙ୍କର ଯୋଜନା ସ୍ଥଗିତ ରଖିବାକୁ ପଡିଥିଲା । ଜାପାନୀ ରାଜକୁମାରୀ ଦେଶର ସାଧାରଣ ନାଗରିକ କେ.କୋମୁରୋଙ୍କୁ ଭଲ ପାଆନ୍ତି, ଯିଏ ସମୁଦ୍ର କୂଳରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରନ୍ତ । ଅକିହିଟୋଙ୍କ ନାତୁଣୀ, ଜାପାନର ସମ୍ରାଟ ତଥା ବର୍ତମାନର ସମ୍ରାଟଙ୍କ ଭଣଜୀ ନାରୁହୁଟୋ ରାଜକୁମାରୀ ମାକୋ କେ.କୋମୁରୋଙ୍କ ସହ ପ୍ରେମ ବିବାହ କରିବାକୁ ଚାହୁଁଛନ୍ତି । କିନ୍ତୁ ବହୁତ ଭୟ ହେତୁ ଦ୍ୱିତୀୟ ଥର ପାଇଁ ତାଙ୍କ ବିବାହ ଯୋଜନାକୁ ସ୍ଥଗିତ ରଖିବାକୁ ପଡଛି । ଦେଶର ରୀତି ରିବାଜ୍ ଅନୁସାରେ ବିବାହ କରୁ କରୁ ରାଜକୁମାରୀ ପଦବୀ ତାଙ୍କଠାରୁ ଓହରିଯିବ । ଏହା ହିଁ ବୋଧହୁଏ ମୁଖ୍ୟ ଭୟ ହୋଇପାରେ ।

# କୋଭିଡ୍ ଯୋଦ୍ଧାଙ୍କ ପିଲାଙ୍କ ପାଇଁ ଏମବିବିଏସ୍‌ରେ ୫ ଟି ସିଟ୍ ସଂରକ୍ଷିତ ରହିବ

ନୂଆଦିଲ୍ଲୀ : ଦେଶରେ କରୋନା ଯୋଦ୍ଧା ଭାବେ ଆଗଧାଡିରେ ଲଢୁଥିବା ବ୍ୟକ୍ତିଙ୍କ ପିଲାଙ୍କ ପାଇଁ ଏମବିବିଏସ.ରେ ୫ ଟି ସିଟ୍ ସଂରକ୍ଷିତ ରହିବ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ.ହର୍ଷବର୍ଦ୍ଧନ ଆଜି ଏ ସଂକ୍ରାନ୍ତରେ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ, ଏମବିବିଏସରେ କରୋନା ଯୋଦ୍ଧା ପିଲାଙ୍କ ପାଇଁ ୫ ଟି ସିଟ୍ ସଂରକ୍ଷିତ ରଖାଯିବ । ସୂଚ଼ନା ଅନୁସାରେ ଆଶା କର୍ମୀ, ନର୍ସ, ଡାକ୍ତର(ଯେଉଁମାନେ କରୋନା ସଂକ୍ରମଣ ସମୟରେ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ)ଙ୍କ ସନ୍ତାନଙ୍କୁ ଏହି ସୁବିଧା ପ୍ରଦାନ କରାଯିବ । ମେରିଟ୍ ଆଧାରରେ ସେମାନଙ୍କ ନାମାଙ୍କନ କରାଯିବ ।

# ଉଲ୍‌ଟିଗଲା ବସ୍ : ୨ ଜନ୍‌କର୍ ଜୀବନ୍ ଗଲା, ୧୭ ଜନ୍ ଖଁଡ଼ିଆ ଡଁଡ଼ିଆ

ରାୟଗଡ଼ା, (ନିପ୍ର) : ମୁନିଗୁଡ଼ା ଗୁମ୍ବାରଢ଼ାମୁଣି ପାଖେ ଉଲ୍‌ଟି ଯାଇଛେ ଗୁଟେ ଯାତ୍ରୀବାହୀ ବସ୍ । ଡାଏଭର୍ ସାଙ୍ଗେ ୨ ଜନ୍‌କର୍ ଜୀବନ ଯାଇଥିବାର ଖବର୍ ମିଳିଛେ । ଇଥି ୧୭ ଜନ୍ ଯାତ୍ରୀ ଖଁଡିଆ ଡଁଡ଼ିଆ ହେଇ ପାଖର ଡାକ୍ତରଖାନା ଥି ଚିକିତ୍ସିତ ହଉଥିବାର ସୂଚନା ମିଳିଛେ । ମିଳିଥିବାର ତଥ୍ୟ ଅନୁସାରେ ଗଲା କାଲି ରାତି ବିଷମକଟକ ଥାନାର କୁମ୍ବାରଢାମୁଣି ପାଖେ ମୁହୁଁଟେନ୍ ଠାନେ ବସ୍ ସମ୍ଭାଳି ନେଇଁ ପାରିକରି ରୋଡ୍ ତରାକେ ଉଲ୍‌ଟି ଯାଇଥିବାର ଦେଖିବାରକେ ମିଳିଥିଲି । ଲକ୍ଷ୍ମୀପୁର ଠାନୁ ଭୁବନେଶ୍ୱରକେ ଇ ବସ୍ ଯଉଥିଲା । ବସ୍ ଥି ୪୦ ନୁ ୫୦ ଜନ୍ ଯାତ୍ରୀ ବସିଥିବାର ସୂଚନା ଥି କୁହାଯାଇଛେ । ଦୁର୍ଘଟନା ଠାନେ ଅଗ୍ନିଶମ ବାହିନୀ ଆର୍ ସେଠାନର୍ ଲୋକବାକ୍ ମିଶି କରି ଉଦ୍ଧାର କାମ୍ ଥି ଲାଗି ପଡ଼ିଥିବାର୍ ଦେଖା ଯାଇଥିଲା ।







Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com